କାଳିଦାସଙ୍କ ଅକ୍କିଲ କଥା

ବାସୁଦେବ ମହାପାତ୍ର

Digitized by srujanika@gmail.com

କାଳିଦାସଙ୍କ

ଅକଲ କଥା

(ପ୍ରଥମ ଭାଗ)

ଲେଖକ

ଶ୍ରୀ ବାସୁଦେବ ମହାପାତ୍ର, ବି. ଏ., ଡି. ଇଡ଼୍.

ଫ୍ରେଣ୍ଡ୍ସ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

କାଳିଦାସଙ୍କ ଅକଲ କଥା

ଲେଖକ :

ଶ୍ରୀ ବାସୁଦେବ ମହାପାତ୍ର

ପ୍ରକାଶକ :

ସହଦେବ ପ୍ରଧାନ

ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଚ୍ଛଦପଟ :

ଉଦୟ ନାରାୟଣ ଜେନା

ଦ୍ୱିତୀୟ ସଂସ୍କରଣ : **୧୯୯୮**

ମୁଦ୍ରଣ :

ନନ୍ଦକିଶୋର ପ୍ରେସ୍

ଓଗରପଡ଼ା, କଟକ-୨

ମୂଲ୍ୟ : **ଟ ୧୫**

Digitized by srujanika@gmail.com

କଥା ପଦେ

ପ୍ରାଚୀନ କାଳରେ ଭାରତରେ ସଂସ୍କୃତ ଭାଷା ଉନ୍ନତିର ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । ରାଜାମାନଙ୍କ ପୃଷ୍ଠପୋଷକତାରେ ବହୁ ପଣ୍ଡିତ ଓ କବି ଏହି ଭାଷାର ଶ୍ରୀବୃଦ୍ଧି ସାଧନ କରିଥିଲେ । ଏପରିକି ସେ ସମୟରେ ଭାରତର ଜନସାଧାରଣଙ୍କର କଥିତ ଭାଷା ଥିଲା ସଂସ୍କୃତ । ପ୍ରାଚୀନ କବିମାନଙ୍କ ମଧ୍ୟରେ କାଳିଦାସଙ୍କ ସ୍ଥାନ ଯେ ଅଗ୍ରଗଣ୍ୟ, ଏଥିରେ ସନ୍ଦେହ ପ୍ରକାଶ କରିବାର ଅବକାଶ ନାହିଁ । ସଂସ୍କୃତ ସାହିତ୍ୟକୁ ତାଙ୍କର ଅମର ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିଥିବ । ତାଙ୍କ ରଚିତ 'ମେଘଦୂତ', 'କୁମାର ସମ୍ଭବ', 'ରଘୁବଂଶ', 'ଅଭିଜ୍ଞାନଂ ଶାକୁନ୍ତଳମ୍', 'ବିକ୍ରମୋର୍ବଶୀ', 'ନଳୋଦୟ' ଏବଂ 'ମାଳବିକାଗ୍ନିମିତ୍ର' ବିଶ୍ୱସାହିତ୍ୟର ଉଜ୍ଜ୍ୱଳ ରତ୍ନ ରୂପେ ଚିରକାଳ ଶୋଭା ପାଉଥିବ ।

କ୍ଷୋଭର ବିଷୟ ଯେ, ମହାକବି କାଳିଦାସଙ୍କ ଜୀବନକାହାଣୀ ସମ୍ବନ୍ଧରେ ଆଜିଯାଏ କୌଣସି ସ୍ପଷ୍ଟ ପ୍ରମାଣ ମିଳିନାହିଁ । ଏହି ବିରାଟ ପ୍ରତିଭାଶାଳୀ କାଳିଦାସ କିଏ ? ଉଜ୍ଜୟିନୀ-ଅଧିପତି ବିକ୍ରମାଦିତ୍ୟଙ୍କ ନବରତ୍ନ-ସଭାର ଶ୍ରେଷ୍ଠ ରତ୍ନ, ନା ଧାରାଧିପତି ଭୋଜଙ୍କ ଶଂସ୍ୟ ସଭାକବି ! କଥିତ ଅଛି ଯେ, କାଳିଦାସ ଦୈବୀ ପ୍ରସାଦ ବଳରେ ଆକସ୍ମିକ ଭାବେ ଅଦ୍ଭୁତ କବିତ୍ୱ ଶକ୍ତିର ଅଧିକାରୀ ହୋଇଥିଲେ । ଏସବୁ ସତ୍ୟ କି ମିଥ୍ୟା କହିବା ସହଜ ନୁହେଁ । ତେବେ ତାଙ୍କ ବିଷୟରେ ଯେଉଁସବୁ ଜନଶ୍ରୁତି ଅଛି, ତାହାକୁ ସତ୍ୟ ବୋଲି ଧରିନେବା ଛଡ଼ା ଅନ୍ୟଗତି ନାହିଁ ।

ଏହି ପୁସ୍ତକଟିକୁ ଦୁଇଟି ଭାଗରେ ଛବିଶଟି ସୁନ୍ଦର ଚିତ୍ର ସହ ପ୍ରକାଶ କରାଗଲା । ବାଳକ ଓ ବାଳିକାମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ହୋଇଥିଲେ ବି ଏହା ସାଧାରଣ ପାଠକ-ପାଠିକାମାନଙ୍କର ସୁଖପାଠ୍ୟ ହେବ ବୋଲି ଆଶା କରାଯାଏ । ଏହି ଆଶା ସଫଳ ହେଲେ ଲେଖକର ଶ୍ରମ ସଫଳ ହେବ ।

ଲେଖକ

Digitized by srujanika@gmail.com

ସୂଚିପତ୍ର

ବିଷୟ		ପୃଷ୍ଠା
୧ ।	ଧୂଳି ଖେଳର ବାଜି	୧-୬
୨ ।	ପାଠ ଲଢ଼େଇରେ ଅପାଠୁଆ ଜିଣିଲା	୭-୧୦
୩ ।	ମୂର୍ଖ ଚନ୍ଧାପଡ଼ିଲା	୧୧-୧୫
୪ ।	ମୂର୍ଖ ପଣ୍ଡିତ ହେଲା	୧୬-୧୯
୫ ।	ସୁସୁରୁ ବୁ	୨୦-୨୫
୬ ।	ବାଆଁ ହାତ ଓ ଡାହାଣ ହାତ	୨୬-୨୯
୭ ।	ଗୁରୁ ନା ଗୋରୁ	୩୦-୩୩
୮ ।	ଘରେ ନପଶୁଣୁ ମୁଣ୍ଡରେ ଗୃଳ	୩୪-୩୮
୯ ।	କହିଲେ ମଲା, ନ କହିଲେ ମଲା	୩୯-୪୩
୧୦ ।	ମୂର୍ଖ କିଏ ?	୪୪-୪୭
୧୧ ।	ଅଣ୍ଡା କଆଁ	୪୮-୫୧
୧୨ ।	ମାଛ ପୋଥି ହେଲା	୫୨-୫୬
୧୩ ।	ଅସଲ ଓ ନକଲ	୫୭-୬୦

Digitized by srujanika@gmail.com

ଧୂଳିଖେଳର ବାଜି

ଅନେକ ବର୍ଷ ତଳର କଥା । ସେତେବେଳେ ବଙ୍ଗ ଦେଶରେ ସତ୍ୟବାନ୍ ବୋଲି ଜଣେ ରଜା ଥିଲେ । ତାଙ୍କର ଗୋଟିଏ ବୋଲି ଝିଅ । ତା' ଦେହଟି ଚମ୍ପାକଢ଼ି ପରି ଦିଶୁଥିଲା । ତେଣୁ ରାଜାରାଣୀ ତାକୁ ଆଦରରେ ନାଁ ଦେଇଥିଲେ ଚମ୍ପକକଳିକା । ଝିଅଟି ଚାଲିଗଲାବେଳେ ଭୂଇଁ ଉପରେ ସତେ ଯେମିତି ଫୁଲ ଫୁଟିଯାଉଥିଲା ।

ପାଟମନ୍ତ୍ରୀଙ୍କର ପୁଅଟିଏ ଥାଏ । ତା' ନାଁ ଚୂଡ଼ାମଣି । ଚୂଡ଼ାମଣି ଓ ଚମ୍ପକକଳିକାର ଏକା ବୟସ । ଦୁହେଁ ସେତେବେଳେ ପିଲା । ସେମାନେ ଘରି ସାଙ୍ଗ; ଏକାଠି ଖେଳନ୍ତି ବୁଲନ୍ତି, ଧୂଳିଘର ଗଢ଼ନ୍ତି । ଦିନେ ଚୂଡ଼ାମଣି ଧୂଳିଘର ଗଢ଼ିସାରି କହିଲା—"ଚମ୍ପା ଦେଖ୍, ଏ ହେଲା ମୋର ନଅର । ମୁଁ ଏ ରାଜ୍ୟର ରଜା । ତୁ ମୋର ରାଣୀ ହେବୁଟି ?"

ପିଲାହେଲେ କ'ଣ ହେଲା, ଚମ୍ପକକଳିକା ରଜାଘରର ଝିଅ । ତେଣୁ ମନ୍ତ୍ରୀପୁଅର କଥା ତାକୁ କିଛି ଭଲ ଲାଗିଲା ନାହିଁ । ସେ ଅଭିମାନରେ ମୁହଁକୁ ହାଣ୍ଡିପରି କରି କହିଲା—'ଚୂଡ଼ା, ତୁ ଏମିତି ବାଜେ କଥା କହୁଛୁ କାହିଁକି ? ମୋ ବାପାପରା ଏ ରାଜ୍ୟର ରଜା; ତୁ ରଜା ହେବୁ କେମିତି ? ଜାଣୁଚି, ତୋ' ବାପା ମୋ ବାପାଙ୍କ ପାଖରେ ଚାକିରି କରୁଛନ୍ତି । କିଏ କ'ଣ ଚାକରର ପୁଅକୁ ବାହା ହୁଏ ?"

ଚମ୍ପାର କଥା ଚୂଡ଼ା ଦେହରେ ଛୁଞ୍ଚିପରି ଗଳିଗଲା ! ସେ ରାଗରେ ଗମଗମ ହୋଇ କହିଲା—"କ'ଣ କହିଲୁ, ମୋ ବାପା ତୋ ବାପାର ଚାକର ? ମୋ ବାପା ପରା ପାଟମନ୍ତ୍ରୀ, ସେ ହିଁ ରାଜ୍ୟ ଚଳାଉଛନ୍ତି ।

Digitized by srujanika@gmail.com

ତୋର ବାପା ଖାଲି ନାଁ'କୁ ରାଜା ନା। ବାପା ଇଚ୍ଛାକଲେ ମୋ ବାପାକୁ ଠେଲି ନିଜେ ରାଜା ହୋଇପାରିବେ। ଆଉ ବାପାଙ୍କ ପରେ କିଏ ରାଜା ହେବ କହିଲୁ ?"

[ମନ୍ତ୍ରୀପୁଅ ଓ ରଜାଝିଅ ମଧ୍ୟରେ ରାଗଯୁଦ୍ଧ]

ଚମ୍ପା କହିଲା – "ରାଜା ହେଲାପରେ ମୋ ମୁହଁଆଡ଼େ ଦେଖୁଛି। ବଡ଼ର ଟୋକା ରଜା ହେବ, ଆଉ ମୁଁ ତା'ର ବାବା ହେବ। ଛି, ଛି, ଛି !"

Digitized by srujanika@gmail.com

ଚନ୍ଦ୍ରା ରାଗିଯାଇ କହିଲା— "ଚମ୍ପା, ମାର୍ ବାଜି । ତୁ ଯଦି ମୋ ସହିତ ବାହା ନହେଉ, ତେବେ ମୁଁ ତୋତେ ଗୋଟିଏ କପଟ ମୂର୍ଖ ସହିତ ବାହା କରାଇଦେବ ।"

ଚମ୍ପା କହିଲା— "ହଉ ରହିଲା ବାଜି, ଦେଖିବ, ତୋ ହାତରେ କ'ଣ ହେବ ।"

ଧୂଳିଖେଳ ଆଉ ପିଲାଳିଆ ବାଜି କଥା କାହାର ବା ମନେରହେ ? ହେଲେ, ଚମ୍ପା ଆଉ ଚନ୍ଦ୍ରା ପିଲାଦିନର ସେ ବାଜି କଥା ମନେରଖିଥାନ୍ତି । ଏମିତି କେତେବର୍ଷ ଗଲା । ଚମ୍ପକକଳିକାର ବିବାହ ବୟସ ହୋଇଗଲା । ତହୁଁ ରାଜା ଦିନେ ଝିଅକୁ ଡାକି କହିଲେ— "ଚମ୍ପେକ, ତୋର ବିବାହ ଦେବା ପାଇଁ ମୁଁ ଠିକ୍ କରୁଛି । ବର୍ତ୍ତମାନ ତୋର ମନକଥା କହ, ତୁ କେଉଁ ରାଜକୁମାରକୁ ବିବାହ କରିବୁ ?"

ଚମ୍ପକକଳିକାର ଏତିକିବେଳେ ମନ୍ତ୍ରୀଝିଅର କଥା ମନେପଡ଼ିଗଲା । ସେ ମନେ ମନେ ଠିକ୍ କଲା, ସେ ପଛେ ଅଭିଆଡ଼ୀ ହୋଇ ରହିବ, ମୂର୍ଖ ସହିତ ବାହା ହେବ ନାହିଁ । ସେ ରାଜାଙ୍କୁ କହିଲା— "ବାପା, ମୁଁ ଗୋଟିଏ ସର୍ତ୍ତରେ ବାହାହେବାକୁ ରାଜି ଅଛି । ଯେଉଁ ଲୋକ ମୋତେ ବିଦ୍ୟାରେ ପରାସ୍ତ କରିବ ମୁଁ ତାରି ଗଳାରେ ବରଣମାଳା ଦେବ । କିନ୍ତୁ ମୋଠାରୁ ଯିଏ ହାରିବ, ତା' ମୁହଁରେ ଚୂନକାଳି ବୋଳି ଛାଡ଼ିଦିଆଯିବ ।"

ରାଜା ଝିଅର କଥାରେ ରାଜି ହୋଇଗଲେ । ଚମ୍ପକକଳିକାର ବିବାହ ବିଷୟ ନେଇ ଆଖପାଖ ସବୁ ରାଜ୍ୟରେ ଚହଳ ପଡ଼ିଗଲା । ଏକେ ତ ରାଜକୁମାରୀ ଭାରି ସୁନ୍ଦରୀ, ପୁଣି ଗୁଣ ଆଉ ଜ୍ଞାନରେ ଯେକୌଣସି ରାଜକୁମାରୀକୁ ଟପିଯିବ । ତେଣୁ ଅନେକ ଦେଶରୁ ରାଜକୁମାରମାନେ ଆସି ଚମ୍ପକକଳିକା ସହିତ ପାଠରେ ଲଢ଼େଇ କରିବାକୁ ଲାଗିଲେ । ହେଲେ, ହାରିଯାଇ ମୁହଁରେ ଚୂନକାଳି ବୋଳା ହୋଇ ଯେ ଯାହା ରାଜ୍ୟକୁ ଫେରିଗଲେ ।

Digitized by srujanika@gmail.com

ଏଣେ ଚମ୍ପକକଳିକାର ପଣ କଥା ଶୁଣି ଚୂଡ଼ାମଣି ରାଗରେ ପାତଗଲା । ଗୁର ରଜା ଝିଅଟା କ'ଣ ତା'ଠାରୁ ବୁଦ୍ଧିରେ ଟପିଯିବ ? ସେ ପ୍ରତିଜ୍ଞା କଲା, ଯେକୌଣସି ଉପାୟରେ ଚମ୍ପକକଳିକାକୁ ଗୋଟିଏ ଗଣ୍ଡମୂର୍ଖ ସହିତ ବାହା କରାଇଦେବ । ତେଣୁ ଗୋଟିଏ ମୂର୍ଖଲୋକ ଖୋଜିବା ପାଇଁ ସେ ଘରୁ ବାହାରିପଡ଼ିଲା । ଗଲାବେଳେ ସାଙ୍ଗରେ ଦୁଇଜଣ ଚାକର ନେଇଗଲା ।

ଚୂଡ଼ାମଣି ଅନେକ ରାଜ୍ୟ ବୁଲି ବୁଲି ଖୋଜିଲା । ହେଲେ, ତା'ର ମନଲାଖି ମୂର୍ଖଟାଏ କେଉଁଠି ପାଇଲା ନାହିଁ । ଦିନେ ସେ ଗୋଟିଏ ବଣୁଆ ରାସ୍ତାରେ ଯାଉଥିଲା । ଏତିକିବେଳେ ତା'ର ମୁଣ୍ଡ ଉପରେ ପଷର ଖପ୍ ଖପ୍ ଶବ୍ଦ ଶୁଣିପାରିଲା । ସେ ଉପରକୁ ଚାହିଁ ଦେଖିଲା, ଜଣେ ବେଶ୍ ଡଉଲଡାଉଲ ଯୁବକ ଗଛର ଗୋଟିଏ ସରୁ ଡାଳରେ ବସି ଡାଳକୁ ହଲାଉଛି । ଏହା ଦେଖି ଚୂଡ଼ାମଣିକୁ ଭାରି କୌତୁକିଆ ଲାଗିଲା । ସେ କଥା କ'ଣ ବୁଝିପାରିଲା ନାହିଁ । ତେଣୁ ସେ ଯୁବକକୁ ପଚାରିଲା— "ଆରେ ଭାଇ, ଏତେ ଉଚ୍ଚରେ ଏମିତି ସରୁ ଡାଳଟା ଉପରେ ବସି ହଲାଉଛୁ କ'ଣ ? ଡାଳଟା ଭାଙ୍ଗି ତଳେ ପଡ଼ିଲେ ବଞ୍ଚିବୁଟି କି ?"

ଯୁବକଟି କହିଲା—"ଠିକ୍ କହୁଛ ବାବୁ ! ମୁଁ ସେଥିପାଇଁ ପରା ଡାଳଟାକୁ ହଲାଉଛି । ହାରାମଜାଦା ଡାଳଟା କ'ଣ ସହଜରେ ଭାଙ୍ଗୁଛି ?"

ଚୂଡ଼ାମଣି କହିଲା—"କିରେ ତୁଟା ପାଗଳ ନା କ'ଣ ? ଜାଣିଶୁଣି ଯମକୁ ଡାକୁଛୁ କିଆଁ ?"

ଯୁବକ କହିଲା—"ତୁମେ ବୁଝୁନା ବାବୁ ! ମୁଁ ତ ଏ ଡାଳଟିରେ ଚଢ଼ିଲାବେଳେ ଚଢ଼ିଗଲି । ହେଲେ ଆଉ ଓହ୍ଲାଇ ପାରିଲି ନାହିଁ । ସେଥିପାଇଁ ଏ ଡାଳଟାରେ ବସି ହଲାଉଛି । ଡାଳଟା ଭାଙ୍ଗିପଡ଼ିଲେ ମୁଁ ଛଏଁ ତା ସାଥିରେ ତଳକୁ ଚାଲିଯିବ ।"

Digitized by srujanika@gmail.com

ଚନ୍ଦ୍ରାମଣି ବୁଦ୍ଧିମାନ୍, ନଳକଣ୍ଠାର ନରଦେବ ସୁନ୍ଦର ହେଲେ କ'ଣ ହେବ, ଏଟା କପଟ ମୂର୍ଖ । ଯା'ଠୁ ବଳି ମୂର୍ଖ ଆଉ ଦୁନିଆରେ ନଥିବ ।

[କପଟ ମୂର୍ଖ ସହିତ ମନ୍ତ୍ରୀପୁଅର ଭେଟ]

ଏଇ ଚମ୍ପାର ଉପଯୁକ୍ତ ବର ହେବ । ଏହା ଭାବି ସେ ମନେ ମନେ ଭାରି ଖୁସି ହେଲା । ତା'ପରେ ସେ ଚାକର ଦୁହିଁଙ୍କୁ ପଠାଇ ଯୁବକଟିକୁ ଘରକୁ ନେଇଆସିଲା ।

Digitized by srujanika@gmail.com

ତା'ପରେ ଚୂଡ଼ାମଣି ଯୁବକଟିକୁ ପଚାରିଲା—"ତୁ କିଏ ? ଏ ବଣକୁ ଆସିଥିଲୁ କାହିଁକି ?"

ଯୁବକ କହିଲା—"ମୁଁ ବ୍ରାହ୍ମଣଘର ପୁଅ । ପିଲାଦିନୁ ମୋର ବାପା ମା' ମରିଯାଇଛନ୍ତି । ମୁଁ ପାଠଶାଠ କିଛି ପଢ଼ିନାହିଁ । ପେଟ ପୋଷିବା ପାଇଁ ମୁଁ ଅନ୍ୟ ଲୋକର ଗାଈ ଚରାଏ । ଏ ବଣକୁ ମୁଁ ଗାଈ ଚରାଇ ଆଣିଛି ।"

ଚୂଡ଼ାମଣି କହିଲା—"ତୁ ଯଦି ମୋ କଥା ମାନି ଚଳିବୁ, ତାହା ହେଲେ ତୋତେ ଆଉ ଗାଈ ଚରାଇବାକୁ ପଡ଼ିବ ନାହିଁ । ତୁ ରାଜାଝିଅ ସହିତ ବାହା ହୋଇ ମଜାରେ ରାଜାଘରେ ରହିବୁ । କ'ଣ ରାଜିଅଛୁ ?"

ବାହାହେବା କଥା ଶୁଣି ଯୁବକ ଭାରି ଖୁସି । ସେ ବି ଯେମିତି ସେମିତି ଝିଅ ନୁହେଁ, ରାଜାଘର ଝିଅ । ତେଣୁ ସେ କହିଲା—"ହଁ ବାବୁ, ମୁଁ ରାଜିଅଛି । ତୁମେ ଯାହା କହିବ, ମୁଁ ତାହା କରିବ । ମୁଁ ସିନା ପାଠ ପଢ଼ିନି, ହେଲେ ତୁମେ ଯଦି କହିବ, ମୁଁ ଆମ୍ବ ଗଛରେ ଚଢ଼ି ଆମ୍ବ ତୋଳି ଦେବି, ଗାଈ ଚରାଇ ନେବି, ନଈରୁ ମାଛ ଧରି ଆଣିବି ।"

ଚୂଡ଼ାମଣି କହିଲା—"ଆରେ, ନା ନା, ତୋତେ ସେସବୁ କରିବାକୁ ପଡ଼ିବ ନାହିଁ । ତୁ ପରା ରାଜାଝିଅକୁ ବାହା ହେବୁ, ଆଉ ରାଜା ଜ୍ୱାଇଁ ହୋଇ ରହିବୁ ? ଆ ମୋ ସାଙ୍ଗରେ, ତୋତେ ରାଜାଘରକୁ ନେଇଯିବି ।"

ଚୂଡ଼ାମଣି ଯୁବକକୁ ନେଇ ନିଜ ରାଜ୍ୟକୁ ଆସିଲା । ସେ ଯୁବକକୁ ଗୋଟିଏ ମନ୍ଦିରରେ ରଖାଇଦେଲା । ସେଠାରେ ତାକୁ ନୂଆଲୁଗା ପିନ୍ଧାଇ ଦିଆଗଲା । ତା' ଦେହରେ ନୂଆ ପଇତା ଓ ବେକରେ ରୁଦ୍ରାକ୍ଷମାଳା ଗଳାଇ ଦିଆଗଲା । ତା' କପାଳ, ହାତ ଓ ଗୁଣ୍ଡିରେ ଚନ୍ଦନତିଳକ ଲଗାଇ ଦିଆଗଲା । ଏବେ ତାକୁ ଯିଏ ଦେଖିବ କହିବ ଏ ନିଶ୍ଚୟ ଜଣେ ଭାରି ବଡ଼ ତପସ୍ୱୀ ।

ଏହାପରେ ଚୂଡ଼ାମଣି ରାଜସଭାର ଚାରିଜଣ ପଣ୍ଡିତଙ୍କୁ ଲାଞ୍ଚ ଦେଇ ହାତ କରିନେଲା । ସେମାନେ ମୂର୍ଖ ଯୁବକକୁ ଭାରି ଜ୍ଞାନୀ ବୋଲି ପ୍ରମାଣ କରିଦେବେ ବୋଲି କହିଲେ ।

Digitized by srujanika@gmail.com

ପାଠ ଲଢ଼େଇରେ ଅପାଠୁଆ ଜିଣିଲା

ତା' ପରଦିନ ସକାଳେ ରାଜଧାନୀରେ ଖବର ଚହଳ ପଡ଼ିଗଲା । ଲୋକେ କୁହାକୁହି ହେଲେ; କୁଆଡ଼ୁ ଜଣେ ବ୍ରହ୍ମଚାରୀ ଆସିଛନ୍ତି, ସେ ଆମ ଜେମାଙ୍କ ସାଙ୍ଗରେ ପାଠରେ ଲଢ଼େଇ କରିବେ । ସତକୁସତ ସେଦିନ ବ୍ରହ୍ମଚାରୀ ରାଜସଭାରେ ଯାଇ ହାଜର ହେଲେ । ରାଜା ତାଙ୍କୁ ବସିବାକୁ ଆସନ ଦେଲେ । ବ୍ରହ୍ମଚାରୀଙ୍କ ପାଖରେ ପଣ୍ଡିତ ଚାରିଜଣ ହାତଯୋଡ଼ି ବସିଥାନ୍ତି । ଚମ୍ପକକଳିକା ଟିକିଏ ଦୂରରେ ରାଜାଙ୍କ ପାଖରେ ବସିଥାଏ ।

ଚାରି ପଣ୍ଡିତଙ୍କ ଭିତରୁ ଜଣେ ରାଜାଙ୍କୁ କହିଲେ—"ମହାରାଜ, ଏ ଜଣେ ବ୍ରହ୍ମଚାରୀ; ଏ ଅନେକ ଶାସ୍ତ୍ର ପଢ଼ି ମହାଜ୍ଞାନ ଲାଭ କରିଛନ୍ତି । ଏ ଏକବର୍ଷ ହେଲାଣି ମୌନବ୍ରତ ଧାରଣ କରିଛନ୍ତି । ପାଟି ଫିଟାଇ କାହାକୁ କିଛି କହନ୍ତି ନାହିଁ, କେବଳ ହାତଠାରି ଭଙ୍ଗି ଦେଖାଇ ମନର ଭାବ ଜଣାନ୍ତି ।"

ଏତିକିବେଳେ ଚମ୍ପକକଳିକା ବ୍ରହ୍ମଚାରୀଙ୍କ ଆଗରେ ପଡ଼ିଥିବା ଆସନରେ ଆସି ବସିଲା । ମୂର୍ଖ ଯୁବକଟି ବ୍ରହ୍ମଚାରୀ ସାଜି ସିନା ବସିଥିଲା, ଆଗରେ ରାଜାଝିଅକୁ ଦେଖି ସେ ଡରିଗଲା । ସେ କିଛି ନକହି ଦୁଇହାତ ଯୋଡ଼ି ଚମ୍ପକକଳିକାକୁ ପ୍ରଣାମ କଲା ।

ଚମ୍ପକକଳିକାକୁ ଭାରି ଆଶ୍ଚର୍ଯ୍ୟ ଲାଗିଲା; ଏତେବଡ଼ ଜ୍ଞାନୀ ବ୍ରହ୍ମଚାରୀ ହୋଇ ତାକୁ ନମସ୍କାର କଲେ କିମିତି ? ପଣ୍ଡିତମାନେ ରାଜକୁମାରୀର ମନର ଭାବ ଠଉରାଇ ନେଲେ । ତହୁଁ ଜଣେ ପଣ୍ଡିତ କହିଲେ – "ରାଜକୁମାରୀ, ବ୍ରହ୍ମଚାରୀ ଆପଣଙ୍କୁ ନମସ୍କାର କଲେ ବୋଲି

Digitized by srujanika@gmail.com

ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି । କିନ୍ତୁ ବ୍ରହ୍ମଗୃହୀ ପ୍ରକୃତରେ ଆପଣଙ୍କୁ ନମସ୍କାର କରିନାହାନ୍ତି । ସେ ଜାଣନ୍ତି ଯେ, ସ୍ତ୍ରୀମାନେ ଦେବୀଙ୍କ ଅଂଶରେ ଜନ୍ମ ଗ୍ରହଣ କରିଥାନ୍ତି । ସେ ଆପଣଙ୍କ ଦେହରେ ଦେବୀଙ୍କୁ ଦେଖିପାରୁଛନ୍ତି ଏବଂ ସେହି ଦେବୀଙ୍କୁ ହିଁ ସେ ପ୍ରଣାମ କରିଛନ୍ତି ।"

ପଣ୍ଡିତଙ୍କ କଥା ଶୁଣି ଚମ୍ପକକଳିକା ଚୁପ୍ ରହିଲା । ସେ କଥାଟିକୁ ଠିକ୍ ବୋଲି ଧରିନେଲା । ଏହାପରେ ସେ ବ୍ରହ୍ମଗୃହୀଙ୍କୁ ଗୋଟିଏ ଆଙ୍ଗୁଠି ଦେଖାଇଲା ।

ଯୁବକଟି ଏହାଦେଖି ପ୍ରଥମେ ଟିକିଏ ଡରିଗଲା । ସେ ଭାବିଲା, ରାଜକୁମାରୀ ତା'ର ଗୋଟିଏ ଆଖି ଫୁଟାଇ ଦେବ ବୋଲି କହୁଛି । କିନ୍ତୁ ଗୁରୁପଣ୍ଡିତ ତା' ପାଖରେ ବସିଥିବାରୁ ତା' ମନରେ ଟିକିଏ ସାହସ ଆସିଲା । ସେ ଭାବିଲା, ରାଜକୁମାରୀ ଯଦି ତା'ର ଗୋଟିଏ ଆଖି ଫୁଟାଇ-ଦେବ, ସେ ରାଜକୁମାରୀର ଦୁଇଟି ଆଖି ଫୁଟାଇ ଦେବ । ତେଣୁ ସେ ରାଜକୁମାରୀ ଆଡ଼କୁ ଦୁଇଟି ଆଙ୍ଗୁଠି ଦେଖାଇଦେଲା ।

ସଭାର ଲୋକମାନେ ଏହାର ଅର୍ଥ କିଛି ବୁଝିନପାରି କାବା ହୋଇ ବୃହିଁରହିଲେ । ଚମ୍ପକକଳିକା କହିଲା – "ଏ କ'ଣ ? ବ୍ରହ୍ମଗୃହୀ ଦୁଇଟି ଆଙ୍ଗୁଠି ଦେଖାଇଲେ କାହିଁକି ? ଏହାର ଅର୍ଥ କ'ଣ ?"

ବ୍ରହ୍ମଗୃହୀଙ୍କ ପାଖରେ ବସିଥିବା ଜଣେ ପଣ୍ଡିତ କହିଲେ– ଶୁଣନ୍ତୁ ରାଜକୁମାରୀ, ଆପଣ ଗୋଟିଏ ଆଙ୍ଗୁଠି ଦେଖାଇଲେ ତାହାର ଅର୍ଥ ହେଲା 'ଚେତନ ଏକ' କିନ୍ତୁ ବ୍ରହ୍ମଗୃହୀ କହୁଛନ୍ତି, ପ୍ରକୃତି ଏବଂ ପୁରୁଷ ଦୁଇ, ଏକ ନୁହେଁ ।

ଏହାପରେ ରାଜକୁମାରୀ ବ୍ରହ୍ମଗୃହୀଙ୍କ ଆଡ଼କୁ ଗୋଟିଏ ଆଙ୍ଗୁଠି ଦେଖାଇ ପ୍ରଶ୍ନର ସଙ୍କେତ ଦେଲା । ଅର୍ଥାତ୍ ସେ ପଚାରିଲା – ତୁମେ କିଏ ? ବ୍ରହ୍ମଗୃହୀ-ବେଶୀ ମୂର୍ଖ ଯୁବକ ଭାବିଲା – ରାଜକୁମାରୀ ବୋଧହୁଏ ମୋ ଉପରେ ଭାରି ଚିଡ଼ିଗଲାଣି, ସେଥିପାଇଁ ପଚାରୁଛି ତୁ ଏଠାକୁ ଆସିଲୁ କାହିଁକି ? କିଏ ଆଉ କରେ କ'ଣ ? ରାଜକୁମାରୀଠାରୁ ତ ତା'ର

Digitized by srujanika@gmail.com

ଆଉ ରକ୍ଷା ନାହିଁ ? ଏଣୁତେଣୁ ଭାବି ସେ ଶେଷକୁ ତା' ହାତକୁ ଗୁରୁଆଡ଼େ ଥରେ ବୁଲାଇ ଆଣିଲା । ତା'ପରେ ସେ ରାଜକୁମାରୀ ଆଡ଼କୁ ଆଙ୍ଗୁଠି ଦେଖାଇ ହାତ ହଲାଇ ନାହିଁ ବୋଲି ଜଣାଇଲା ।



[ରାଜକୁମାରୀଙ୍କୁ ଯୁବକଟି ଦୁଇଟି ଅଙ୍ଗୁଠି ଦେଖାଉଛି]

ବ୍ରାହ୍ମଣ ଯୁବକ କହିବାକୁ ଯାଉଁଥିଲା—ମୋତେ ଅନେକ ବାଟ ବୁଲି ବୁଲି ଏଠାକୁ ଆସିବାକୁ ପଡ଼ିଛି । ତୁମ ସହିତ ଦାବା କହିବା

Digitized by srujanika@gmail.com

ପାଇଁ ମୋତେ ଏଠାକୁ ଡାକି ଆଣିଛନ୍ତି । ଏଥିରେ ମୋର କିଛି ଦୋଷ ନାହିଁ ।

ବ୍ରହ୍ମରକ୍ଷୀଙ୍କର ଏହି ଇଙ୍ଗିତ ଦେଖି ଗୁରୁ ପଣ୍ଡିତଙ୍କ ଖୁସି ଦେଖେ କିଏ ? ସେମାନେ କହିଲେ—"ଧନ୍ୟ ବ୍ରହ୍ମରକ୍ଷୀ; ଧନ୍ୟ ତୁମର ବୁଦ୍ଧି । ତୁମର ପାଦପଡ଼ି ଏ ରାଜଧାନୀ ଆଜି ପବିତ୍ର ହେଲା । ବ୍ରହ୍ମରକ୍ଷୀଙ୍କ ଜୟ ହେଉ ।"

ଚମ୍ପକକଳିକା କହିଲା – "ଆପଣମାନେ ଏତେ ଖୁସି ହେଉଛନ୍ତି । ମୁଁ ତ ବ୍ରହ୍ମରକ୍ଷୀଙ୍କ ସଙ୍କେତରୁ କିଛି ବୁଝିପାରିଲି ନାହିଁ ।"

ଜଣେ ପଣ୍ଡିତ କହିଲେ—"ଦେଖନ୍ତୁ ରାଜକୁମାରୀ, ଏ କହୁଛନ୍ତି, ଏହି ସମଗ୍ର ବିଶ୍ୱକୁ ଯେ ଗଢ଼ିଛନ୍ତି, ସେ ହେଉଛନ୍ତି ପରମାତ୍ମା । ସେ ମୋତେ ଗଢ଼ିଛନ୍ତି, ତୁମକୁ ବି ଗଢ଼ିଛନ୍ତି । ତାଙ୍କ ଆଖି ଆଗରେ ସମସ୍ତେ ସମାନ । ତେଣୁ ରାଜକୁମାରୀ ବୋଲି ନିଜକୁ ବଡ଼ ମନେକରିବା ତୁମ ପକ୍ଷରେ ଉଚିତ ନୁହେଁ ।"

ଏହାପରେ ଗୁରୁପଣ୍ଡିତ ବଡ଼ ପାଟିରେ କହି ଉଠିଲେ—"ଜୟ, ବ୍ରହ୍ମରକ୍ଷୀଙ୍କ ଜୟ ।"

ଚମ୍ପକକଳିକା ଆଉ କିଛି ନକହି ମୁଣ୍ଡ ନୁଆଁଇଦେଲା । ରାଜସଭାର ଲୋକମାନେ ବି ରାଜକୁମାରୀ ହାରିଗଲେ ବୋଲି କହିଲେ । ତେଣୁ ରାଜା ଠିଆ ହୋଇ ଘୋଷଣା କଲେ— "ବ୍ରହ୍ମରକ୍ଷୀଙ୍କ ସହିତ ମୋର ଝିଅ ଚମ୍ପକକଳିକାର ବିବାହ ଶୁଭଲଗ୍ନରେ ହେବ ।"

ସଭାସଦ୍‌ମାନେ ତାଳିଦେଇ ରାଜାଙ୍କ କଥାକୁ ସମର୍ଥନ ଜଣାଇଲେ । ସଭା ଭାଙ୍ଗିଲା, ଯେ ଯାହାର ଘରକୁ ଗଲେ । ବ୍ରହ୍ମରକ୍ଷୀ କିଛିଦିନ ସକାଶେ ରଜାଙ୍କର ଅତିଥି ଭବନରେ ରହିଲେ ।

—୦—

Digitized by srujanika@gmail.com

ମୂର୍ଖ ଚଦ୍ଧାପଢ଼ିଲା

ଆଜ ରଜାଘର ଭୋଜ । ଚମ୍ପକକଳିକାର ବାହାଘର । କେତେ-ଆଡ଼ୁ କେତେ ଲୋକ ଆସିଛନ୍ତି । ଖିଆପିଆ ଧୁମ୍‌ଧାମ୍ ଚାଲିଛି । ବାଇଦ ବାଜଣାରେ ରାଜଧାନୀସାରା କମ୍ପିଉଠୁଛି । ବାଣ ଶ୍ରେଣୀରେ ଆଖି ଝଲସି-ଯାଉଛି । ହୁଳହୁଳି ଓ ଶଙ୍ଖ ଶବଦରେ ରଜା ଉଆସ ସତେ ଯିମିତି ଫାଟିପଡ଼ୁଛି ।

ବେଦକାମ ସରିଲା । ଚମ୍ପକକଳିକାକୁ ଉଆସ ଭିତରକୁ ନିଆଗଲା । ଏତିକବେଳେ ଚୂଡ଼ାମଣି ଦୁଆର ପାଖକୁ ଲାଗି ଠିଆହୋଇଥାଏ । ଚମ୍ପକକଳିକା ସେବାଟେ ଗଲାବେଳେ ତାକୁ ଚାହିଁ ଚୂଡ଼ାମଣି ଟିକିଏ ମୁରୁକି ହସିଦେଲା । ସେତେବେଳେ ଚମ୍ପକକଳିକା କିଛି ବୁଝିପାରିଲା ନାହିଁ । ସେ ଉଆସ ଭିତରକୁ ଗଲାପରେ ମନେ ମନେ ଭାବିଲା—ଚୂଡ଼ାମଣି ମୋତେ ଦେଖି ହସିଲା କାହିଁକି ? ଏହା ଭିତରେ ନିଶ୍ଚୟ କିଛି କଥା ଥିବ । ଚୂଡ଼ାମଣି କହିଥିଲା, ଗୋଟାଏ ମୂର୍ଖ ସହିତ ମୋତେ ବାହା କରାଇଦେବ ବୋଲି । ପଣ୍ଡିତମାନେ କହୁଛନ୍ତି, "ମୋର ସ୍ୱାମୀ ଭାରି ଜ୍ଞାନୀ । ସତରେ ସେ ଜ୍ଞାନୀ ନା ଚୂଡ଼ାମଣି କିଛି ଚାଲବାଜି କରିଛି । ହଉ, ମୁଁ ପରୀକ୍ଷା କରି ଦେଖିବ ।"

ଚଉଠିଦିନ ରାଜା-ଜ୍ୱାଇଁଙ୍କୁ ତାଙ୍କର ନୂଆ ଉଆସକୁ ପଠାଇଦେଲେ । ସାଙ୍ଗରେ ଦଶଜଣ ପୋଇଲୀଙ୍କୁ ପଠାଇଦେଲେ । ସେହି ନୂଆ ଉଆସଟି ସେ ଯଉତୁକ ଦେଇଥିଲେ । ରାତିରେ ଚମ୍ପକକଳିକା ତା'ର ଗୋଟିଏ ପୋଇଲୀକୁ ଡାକି କହିଲା— "ଶୋଇବାଘରକୁ ଯାଇ ଦେଖିଆସ, ମୋର ସ୍ୱାମୀ କ'ଣ କରୁଛନ୍ତି ।"

ପୋଇଲୀ ଦେଖିଲା ରାଜାଙ୍କ ଜ୍ୱାଇଁ ପଲଙ୍କ ଉପରେ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ସେ ଫେରିଆସି ଚମ୍ପକକଳିକାକୁ ଏକଥା ଜଣାଇଲା ।

Digitized by srujanika@gmail.com

ତହୁଁ ରାଜକୁମାରୀ ଧୀରେ ଧୀରେ ସ୍ୱାମୀଙ୍କ ଶୋଇବା ଘରେ ପହଞ୍ଚିଲା । ସେ ସ୍ୱାମୀଙ୍କୁ ନିଦରୁ ଉଠାଇବା ପାଇଁ ପ୍ରଥମେ ଗୋଡ଼ର ଘୁଙ୍ଗୁରକୁ ଝୁମୁଝୁମୁ କଲା । ହେଲେ ସ୍ୱାମୀଙ୍କର ନିଦ ଭାଙ୍ଗିଲା ନାହିଁ । ତହୁଁ ସେ ସ୍ୱାମୀଙ୍କୁ ଏକ ଗୋଲାପଫୁଲ ଶୁଙ୍ଘାଇଲା । କିନ୍ତୁ ସେ ଉଠିଲେ ନାହିଁ । ତା'ପରେ ରାଜକୁମାରୀ ଚନ୍ଦନ ଓ ଗୋଲାପଜଳ ତାଙ୍କ ଦେହ ଉପରେ ଛିଞ୍ଚିଲା । ସେଥିରେ ବି କିଛି ଫଳ ହେଲା ନାହିଁ । ସେ ଭାବିଲା— ଏହାଙ୍କୁ ଜୀବନରେ କେବେ ଏମିତି କଅଁଳ ଶେଯ ମିଳି ନଥିବ । ସେଥିପାଇଁ ଏମିତି ଘୁଙ୍ଗୁଡ଼ିମାରି ଶୋଇଛନ୍ତି ।

ଶେଷରେ ଚମ୍ପକକଳିକା ହାତରେ ସ୍ୱାମୀଙ୍କ ଦେହକୁ ହଲାଇ ଦେଲା । ଯୁବକ ଚମକିପଡ଼ି ଉଠିଗଲା । ସେ ଆଖି ଆଗରେ ରାଜକୁମାରୀକୁ ଦେଖି ସାଙ୍ଗେ ସାଙ୍ଗେ ପଲଙ୍କ ଉପରୁ ଓହ୍ଲାଇ ଆସିଲା । ତା'ପରେ ସେ ଚମ୍ପକକଳିକାର ପାଦ ଧରି କହିଲା—"ମୋତେ କ୍ଷମାକର । ମୁଁ ଜାଣିଶୁଣି ତୁମର ଶେଯରେ ଶୋଇନାହିଁ । ତୁମର ପୋଇଲିମାନେ ମୋତେ ଏଇ ଖଟରେ ଶୁଆଇଦେଲେ ।"

ଲୋକଟିର କଥାଭାଷା, ହାବଭାବରୁ ଚମ୍ପକକଳିକା ବୁଝିଗଲା ଯେ, ତାହାର ସାଧାରଣ ଜ୍ଞାନ ବି ନାହିଁ । ଚୂଡ଼ାମଣିର ମୁରୁକି ହସ ତା'ର ମନେପଡ଼ିଗଲା । ସେ ଭାବିଲା ଚୂଡ଼ାମଣି ଫନ୍ଦିକରି ଗୋଟାଏ ମୂର୍ଖ ସହିତ ତା'ର ବିବାହ କରାଇ ଦେଇଛି । ତା'ର ସ୍ୱାମୀ କି ଜାତିର ଆଉ କିମିତି ମୂର୍ଖ ଜାଣିବା ପାଇଁ ସେ ଇଚ୍ଛା କଲା । ତେଣୁ ସେ ସ୍ୱାମୀଙ୍କୁ କହିଲା— "ଉଠ, ତୁମର କିଛି ଦୋଷ ନାହିଁ । ମୋ ସାଙ୍ଗରେ ଆସ ।"

ରାଜକୁମାରୀ ଆଗେ ଆଗେ ଚାଲିଥାଏ । ତା' ପଛେ ପଛେ ଚାଲିଥାଏ ମୂର୍ଖ ଯୁବକ । ସେମାନେ ଉଆସର ଚିତ୍ରଘରେ ପହଞ୍ଚିଲେ । ସେହି ଘରର କାନ୍ଥରେ ନାନା ପ୍ରକାର ଛବି ଟଙ୍ଗାଯାଇଥାଏ । କେଉଁଠି ଗଛଲତା, କେଉଁଠି ନଦୀ ହ୍ରଦ, କେଉଁଠି ପଶୁପକ୍ଷୀ, ଆଉ କେଉଁଠି ରାମରାବଣ ଯୁଦ୍ଧ; ଏହିପରି ଅନେକ ପ୍ରକାର ଛବି ସେ ଘରେ ଥିଲା । ରାଜକୁମାରୀ

Digitized by srujanika@gmail.com

[ମୂର୍ଖ ଯୁବକଟି ରାଜକୁମାରୀର ଗୋଡ଼ଧରି କ୍ଷମା ମାଗୁଛି]

Digitized by srujanika@gmail.com

ସ୍ୱାମୀଙ୍କୁ ଗୋଟିଏ ଗୋଟିଏ କରି ଛବି ଦେଖାଉଥାଏ । ଯୁବକ ବୋକାପରି ସେସବୁ ଦେଖି ଦେଖି ଚାଲିଥାଏ । ରାଜକୁମାରୀ ସ୍ୱାମୀଙ୍କ ମୁହଁଆଡ଼େ ଚାହିଁ ତାଙ୍କର ମନର ଭାବ ବୁଝିବାକୁ ଚେଷ୍ଟା କରୁଥାଏ ।

ଗୋଟିଏ ଜାଗାରେ ଶ୍ରୀକୃଷ୍ଣ ଗାଈ ଚରାଉଥିବା ଛବିଟାଏ ଥିଲା । ତାହା ଦେଖି ଯୁବକ ସେଠାରେ ଅଟକିଗଲା । ରାଜକୁମାରୀ ଆଗକୁ ଯିବା ପାଇଁ କହିଲେ ମଧ୍ୟ ସେ ସେହି ଛବିକୁ ଦେଖିବାକୁ ଲାଗିଲା । ଏହା ଦେଖି ରାଜକୁମାରୀ ଭାବିଲା—ଏ ଜାତିରେ ଗଉଡ଼ ହୋଇଥିବେ ପରା । ହେଲେ, ଏହାଙ୍କ ଦେହରେ ପଇତା ତ ଅଛି । ଗଉଡ଼ ହୋଇ ପଇତା ପିନ୍ଧିବ କିଆଁ ? ଜଣାଯାଉଛି ଏ ଜାତିରେ ବ୍ରାହ୍ମଣ, ମାତ୍ର ଗାଈ ଜଗିବା ଏହାଙ୍କ କାମ ।

ଏମିତି ରାଜକୁମାରୀ ଛବି ଦେଖାଇ ଚାଲିଥାଏ; ଯୁବକ ସେସବୁ ଏକଲୟରେ ଦେଖି ଦେଖି ଯାଉଥାଏ । ଗୋଟିଏ ଜାଗାରେ ଓଟର ଛବିଟାଏ ଥିଲା । ଛବିଟାକୁ ଦେଖାଇ ରାଜକୁମାରୀ ସ୍ୱାମୀଙ୍କୁ ପଚାରିଲା— "ଏ କି ଛବି ?"

ଯୁବକଟି ଛବିଆଡ଼େ ଭଲଭାବେ ଚାହିଁ କହିଲା—"ଉଷ୍ଟ" । ରାଜକୁମାରୀ ପୁଣି ପଚାରିଲା—"କ'ଣ କହିଲ ?"

ଯୁବକଟି ଭାବିଲା, ବୋଧହୁଏ ତା'ର କହିବାରେ କିଛି ଭୁଲ୍ ରହିଗଲା । ତେଣୁ ସେ ଏଥର କହିଦେଲା - "ଉଟ୍ର" ।

ସେ ସମୟରେ ଲୋକମାନେ ସଂସ୍କୃତରେ କଥାଭାଷା କରୁଥିଲେ । 'ଓଟ'କୁ ସଂସ୍କୃତରେ 'ଉଷ୍ଟ୍ର' କହନ୍ତି । କିନ୍ତୁ ମୂର୍ଖ ଯୁବକ ଏହି ପଦଟି ଉଚ୍ଚାରଣ ବି କରିପାରିଲା ନାହିଁ । ତେଣୁ ଚମ୍ପକକଳିକା ଜାଣିପାରିଲା ଯେ ପ୍ରକୃତରେ ତା'ର ସ୍ୱାମୀ ଗଣ୍ଡମୂର୍ଖ । ମୂର୍ଖ ସ୍ୱାମୀ ପାଇଥିବା ଯୋଗୁଁ ସେ ନିଜକୁ କେତେ ଛୋଟିଆ କଲା । ସେ ସ୍ୱାମୀଙ୍କୁ ପଚାରି ବୁଝିଲା ଚୂଡ଼ାମଣି କପଟ ଫନ୍ଦିକରି ତା'ର ବିବାହ ଯୋଗାଡ଼ କରିଥିଲା । ଚମ୍ପକ-କଳିକା ଭାବିଲା ଏପରି ମୂର୍ଖ ସ୍ୱାମୀ ଥିବା ଯାହା ନଥିବା ତାହା । ସେ ମୂର୍ଖ ଯୁବକଟି ଉପରେ ରାଗିଯାଇ କହିଲା—"ତୁମେ ମୂର୍ଖ । ମୁଁ ମୂର୍ଖ ସହିତ ରହିପାରିବି ନାହିଁ । ତେଣୁ ଏହିକ୍ଷଣି ଏ ଉଆସ ଛାଡ଼ି ଚାଲିଯାଅ ।"

Digitized by srujanika@gmail.com

ଯୁବକ ପଚାରିଲା —"ମୁଁ କାହିଁକି ମୂର୍ଖ ହେଲି ?"

ଚମ୍ପକକଳିକା କହିଲା—"ତୁମେ ପୂର୍ବଜନ୍ମରେ ପାପ କରିଥିଲ; ତେଣୁ ଏ ଜନ୍ମରେ ମୂର୍ଖ ହେଲ ।"

ଯୁବକ —"ତାହାହେଲେ ମୋର ମୂର୍ଖତା ଯିବ କିମିତି ?"

ଚମ୍ପକକଳିକା—"ଏଠାରୁ ପାଞ୍ଚକୋଶ ଦୂରରେ ଗୋଟିଏ ବଣ ଅଛି । ସେଇ ବଣରେ କାଳଚନ୍ଦ୍ର ନାମକ ଜଣେ ଋଷି ତପସ୍ୟା କରୁଛନ୍ତି । ତୁମେ ତାଙ୍କର ଶରଣ ନିଅ ।"

ଯୁବକ ଏହାଶୁଣି ଏକମୁହାଁ ହୋଇ ରାଜଉଆସରୁ ଚାଲିଗଲା । ଚମ୍ପକକଳିକାର ଆଖିରୁ ଦୁଇଧାର ଲୁହ ଗଡ଼ିଗଲା ।

—o—

Digitized by srujanika@gmail.com

ମୂର୍ଖ ପଣ୍ଡିତ ହେଲା

ମୂର୍ଖ ଯୁବକ ନିଜ ସ୍ତ୍ରୀଠାରୁ ଅପମାନ ପାଇ ଆଗକୁ ମାଡ଼ିଚାଲିଛି । ତା'ର ଏକାଜିଦ୍, ଯିମିତି ହେଉ ସେ ପଣ୍ଡିତ ହେବ । ସେ କିଛି ସମୟ ପରେ ରାଜଧାନୀ ପାରିହୋଇ ସେହି ବଣରେ ପହଞ୍ଚିଲା । କିଛିଦୂର ଯାଇ ଦେଖିଲା ଗୋଟିଏ ପୋଖରୀ ପାଖରେ ବରଗଛ ମୂଳରେ ଜଣେ ଋଷି ଧ୍ୟାନରେ ବସିଛନ୍ତି । ତାଙ୍କର ଆଖି ବନ୍ଦ, ଦେହ ହାତ ଟିକିଏ ହେଲେ ହାଲଚାଲ ହେଉନାହିଁ । ଯୁବକ ଆଉ କିଛି ନକହି ଲମ୍ବହୋଇ ସେହି ଋଷିଙ୍କ ଆଗରେ ପଡ଼ିଗଲା ।

ଋଷି ଆଖି ଖୋଲି ଡାକିଲେ- "ହେ ଯୁବକ, ଉଠ ।"

ଯୁବକ ଧଡ଼ପଡ଼ ହୋଇ ଉଠି ଋଷିଙ୍କୁ ପ୍ରଣାମ କଲା, ଆଉ କହିଲା—"ହେ ଋଷି, ମୁଁ ମୂର୍ଖ ହୋଇଥିବାରୁ ବହୁତ ଅପମାନ ପାଇଲିଣି । ମୋତେ ଦୟାକରି ବିଦ୍ୟାଦାନ କରନ୍ତୁ ।"

ଋଷି କହିଲେ—"କିଏ କହିଲା ତୁ ମୂର୍ଖ ବୋଲି ? ତୁ ତ ପୃଥିବୀର ସବୁଠାରୁ ବଡ଼ ପଣ୍ଡିତ ହେବୁ । ହେଇ ଶୁଣ, ଏଇ ଋଦ୍ରମନ୍ତ୍ର ତିନିଦିନ ଜପ କର ।"

ଋଷି ଯୁବକକୁ ଋଦ୍ରମନ୍ତ୍ର ଶିଖାଇଦେଲେ । ଯୁବକ ଗୋଟିଏ ଗଛତଳେ ବସି ଏକ ଧ୍ୟାନରେ ସେହି ମନ୍ତ୍ର ଜପିବାକୁ ଲାଗିଲା । ଖିଆ ନାହିଁ, ପିଆ ନାହିଁ; ଏପରିକି ସେ ସେହି ଆସନରୁ ଉଠିଲା ବି ନାହିଁ । ଏହିପରି ତିନିଦିନ ତିନିରାତି କଟିଗଲା । ଯେତେବେଳେ ସେ ନିଜ ଆସନ ଛାଡ଼ି ଉଠିଲା, ସେତେବେଳକୁ ତା'ର ମୂର୍ଖତା କୁଆଡ଼େ ଉଭେଇ ଗଲାଣି ।

Digitized by srujanika@gmail.com

ସେ ସେତେବେଳକୁ ଧୁରନ୍ଧର ପଣ୍ଡିତ ହୋଇଗଲେଣି । ସେ ଋଷିଙ୍କୁ ପ୍ରଣାମ କରି ଏକ ସୁନ୍ଦର ଶ୍ଳୋକ ଗାଇ ଶୁଣାଇଲେ । ଋଷି ତା' ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ କିଛି ପ୍ରସାଦ ଖାଇବାକୁ ଦେଲେ ।

[ଯୁବକଟି ଶ୍ଳୋକ ଗାଇ ଋଷିଙ୍କୁ ଶୁଣାଉଛି]

ଏଣେ ଚମ୍ପକକଳିକା ସ୍ୱାମୀଙ୍କୁ ଦୂରୁ ତଡ଼ିଦେଇ ଘରେ ମନଦୁଃଖରେ କାଳ କଟାଉଥିଲେ । ମୂର୍ଖ ହେଲେ ବି ସେ ତ ତାର ସ୍ୱାମୀ ! ତାଙ୍କୁ ଅପମାନ

Digitized by srujanika@gmail.com

ଦେଇଥିବା ଯୋଗୁଁ ସେ ନିଜକୁ ବହୁତ ଧିକ୍କାର କଲା । ଏଣିକ ତା'ର ମନ ଉଆସରେ ଆଉ ଥୟ ହୋଇ ରହିଲା ନାହିଁ । ତହିଁଆରଦିନ ପରେ ସେ ସ୍ୱାମୀଙ୍କୁ ଦେଖିବାପାଇଁ ସେଇ ବଣକୁ ଗଲା । ସେ କିଛି ଦୂରରେ ଥାଇ ଦେଖିଲା, କାଳଚନ୍ଦ୍ର ଋଷିଙ୍କ ପାଖରେ ଜଣେ ଯୁବକ ବସି ଶ୍ଲୋକ ପଢ଼ୁଛନ୍ତି । ସେ ଦେଖିଲାମାତ୍ରେ ଚିହ୍ନିପାରିଲା ଯେ ସେହି ଯୁବକ ହିଁ ତା'ର ସ୍ୱାମୀ ।

ତା'ର ସ୍ୱାମୀଙ୍କ ମୂର୍ଖତା ଯାଇଛି କି ନାହିଁ ସେ ପରୀକ୍ଷା କରିବାକୁ ଇଚ୍ଛା କଲା । ତେଣୁ ସେ ପୋଖରୀରେ ଫୁଟିଥିବା ପଦ୍ମଫୁଲ ଆଡ଼େ ଗୁହିଁ ପଚାରିଲା—

ଅନିଲସ୍ୟାଗମୋ ନାସ୍ତି ଦ୍ୱିପଦୋ ନୈବ ଦୃଶ୍ୟତେ
ଜଲ ମଧ୍ୟେ ସ୍ଥିତଂ ପଦ୍ମଂ କମ୍ପିତଂ କେନ ହେତୁନା ।

ପଦ୍ୟାନୁବାଦ—

ନ ବହଇ ବାଆ ବେଗରେ, କି ଅବା
ନ ଦିଶେ ପକ୍ଷୀ ମଣିଷ,
ପାଣି କୋଳେ ଥାଇ କମଳ ଫୁଲଟି
ଥରଇ କାରଣ କିସ ?

ଭାବାର୍ଥ—ବର୍ତ୍ତମାନ ପବନ ତ ଜୋର୍‌ରେ ବହୁନାହିଁ, ପାଖରେ ପକ୍ଷୀ ବା ମଣିଷ ଦେଖାଯାଉ ନାହାନ୍ତି । ତେବେ ପାଣି ଭିତରେ ଥାଇ ପଦ୍ମଫୁଲଟି ହଲୁଅଛି କାହିଁକି ?

ଯୁବକ ଏହା ଶୁଣି ଚୁପ୍ ହୋଇ ରହିପାରିଲା ନାହିଁ । ସେ ତ ଆଉ ମୂର୍ଖ ହୋଇ ନାହିଁ—ସେ ଏହି ପ୍ରଶ୍ନ ଶୁଣି ସାଙ୍ଗେ ସାଙ୍ଗେ ଏହିପରି ତା'ର ଉତ୍ତର ଦେଇଦେଲା—

ପାବକୋଚ୍ଛିଷ୍ଟ ବର୍ଣ୍ଣସ୍ୟ ଶର୍ବର୍ଯା ବନ୍ଧନଂ କୃତମ୍
ମୋକ୍ଷଂ ନ ଲଭତେ କାନ୍ତେ କମ୍ପିତଂ ତେନ ହେତୁନା ।

Digitized by srujanika@gmail.com

ଭାବାନୁବାଦ—

କଳା ମୁରୁ ମୁରୁ ଭଅଁର ଗୋଟି ଲୋ
ବସିଥିଲା ଫୁଲେ ଯାଇ,
ରାତି ଆସିବାରୁ ବାହାର ନୋହିଲା
କମଳ ଥରେ ସେ ପାଇଁ ।

ଭାବାର୍ଥ—ହେ ସୁନ୍ଦରୀ, ଦିନବେଳେ କାଳିଆ ଭଅଁର ଗୋଟିଏ ପଦ୍ମଫୁଲରେ ବସିଥିଲା । ରାତି ଆସିଯିବାରୁ ଫୁଲ ତା'ର ପାଖୁଡ଼ା ସବୁ ବନ୍ଦ କରିଦେଲା । ତେଣୁ ଭଅଁର ତା' ଭିତରୁ ଆଉ ବାହାରି ପାରିଲା ନାହିଁ । ପଦାକୁ ଆସିବାପାଇଁ ସେ ଏପାଖ ସେପାଖ ହେଉଥିବାରୁ ଫୁଲଟି ହଲୁଅଛି ।

ଏବେ ଚମ୍ପକକଳିକା ବୁଝିପାରିଲା ଯେ ତା'ର ସ୍ୱାମୀ ଜଣେ ଭାରି ବଡ଼ ପଣ୍ଡିତ ହୋଇଗଲେଣି । ତାଙ୍କୁ ଘରୁ ତଡ଼ିଦେଇଥିବା ଯୋଗୁଁ ସେ ବହୁତ ଅନୁତାପ କଲା । ତା' ପରେ ସେ ସ୍ୱାମୀଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା, "ସ୍ୱାମୀ, ମୋର ଦୋଷ କ୍ଷମାକର । ମୁଁ ନଜାଣି ତୁମକୁ ବହୁତ ଅପମାନ ଦେଇଛି । ପ୍ରକୃତରେ ମୁଁ ଏକା ମୂର୍ଖ । ପଛକଥା ଭୁଲିଯାଇ ଏବେ ତୁମର ଘରକୁ ଚାଲ ।"

ଯୁବକ କହିଲା—"ଶୁଣ ରାଜକୁମାରୀ, ଏଥିରେ ତୋର ବା କି ଦୋଷ ଅଛି ? ଯାହା ସବୁ ହେଲା, ତାହା ଦଇବ ଘଟଣା । ହେଲେ, ତୋର ଉପକାର ମୁଁ ଜୀବନରେ ଭୁଲିପାରିବି ନାହିଁ । ତୋ ଯୋଗୁଁ ମୁଁ କାଳିଚନ୍ଦ୍ର ଋଷିଙ୍କୁ ଦେଖାକଲି, ଆଉ ତୁ ହିଁ ମୋତେ ପ୍ରଥମେ ପଣ୍ଡିତ ହେବାର ବାଟ ଦେଖାଇଲୁ । ସେଥିପାଇଁ ତୁ ମୋର ଗୁରୁ ହେଲୁ । ଆଜିଠାରୁ ଆମ ଦୁହିଁଙ୍କ ଭିତରେ ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ରହିବ ନାହିଁ । ଆଜିଠାରୁ ମୋର ନାଁ ହେଲା କାଳିଦାସ ।"

ସେଦିନ କାଳିଦାସ ଋଷିଙ୍କୁ ପ୍ରଣାମ କରି ସେଠାରୁ ଚାଲିଗଲେ । ସେତେବେଳେ ଭୋଜରାଜାଙ୍କ ରାଜଧାନୀ ଧାରା ନଗରୀରେ ଅନେକ ପଣ୍ଡିତ ଥିଲେ । ରାଜା ଭୋଜ ପଣ୍ଡିତମାନଙ୍କର ଭାରି ଆଦର କରୁଥିଲେ । ତେଣୁ କାଳିଦାସ କିଛିଦିନ ପରେ ଧାରା ନଗରୀରେ ପହଞ୍ଚିଲେ । ଭୋଜ ତାଙ୍କର ପାଣ୍ଡିତ୍ୟ ଦେଖି ତାଙ୍କୁ ସଭାପଣ୍ଡିତ ରୂପେ ନିଯୁକ୍ତ କଲେ ।

—o—

Digitized by srujanika@gmail.com

ପୁସୁରୁଲୁ

ଧାରା ନଗରୀର ଦୁଇଜଣ ବ୍ରାହ୍ମଣ ବାଳକ ବିଦ୍ୟାଶିକ୍ଷା କରିବା ପାଇଁ କାଶୀ ଯାଇଥିଲେ । ଜଣକର ନାଁ ମଣିଭଦ୍ର ଏବଂ ଆଉ ଜଣକର ନାଁ ସୁଶୀଳ । ଦୁହେଁ ଏକ ଗୁରୁଙ୍କ ପାଖରେ ରହି ବିଦ୍ୟା ଅଧ୍ୟୟନ କଲେ । ମଣିଭଦ୍ର ବଡ଼ସକାଳୁ ଉଠି ନିତ୍ୟକର୍ମ ସାରି ପାଠ ପଢ଼ାରେ ଲାଗିଯାଉଥିଲା । କିନ୍ତୁ ସୁଶୀଳ ନିଦରୁ ଉଠିଲାକ୍ଷଣି ମୁହଁହାତ ନଧୋଇ ବହି ଧରି ପଢ଼ି ବସୁଥିଲା ।

ଏହିପରି ଚାରିବର୍ଷ କଟିଗଲା । ଦିନେ ଗୁରୁ ମଣିଭଦ୍ର ଓ ସୁଶୀଳକୁ ଡାକି କହିଲେ – "ଦେଖ, ବର୍ତ୍ତମାନ ତୁମ ଦୁହିଁଙ୍କର ବିଦ୍ୟାଶିକ୍ଷା ଶେଷ ହୋଇଅଛି । ବର୍ତ୍ତମାନ ତୁମ୍ଭେମାନେ ନିଜ ନିଜ ଘରକୁ ଯାଇପାର ।"

ମଣିଭଦ୍ର ଓ ସୁଶୀଳ ଗୁରୁଙ୍କ ପାଦତଳେ ପଡ଼ି ଆଶୀର୍ବାଦ ନେଲେ । ତା'ପରେ ଦୁହେଁ ଗୁରୁଙ୍କଠାରୁ ବିଦାୟ ନେଇ ନିଜ ରାଜ୍ୟକୁ ବାହାରିଲେ । ଯାଉଯାଉ ବାଟରେ ଗୋଟିଏ ଭାରି ସୁନ୍ଦର ବଣ ପଡ଼ିଲା । ପାଖରେ ଗୋଟିଏ ନଈ କୁଳୁକୁଳୁ ହୋଇ ବହିଯାଉଥିଲା । ନଈକୂଳରେ ବଡ଼ ବଡ଼ ଗଛସବୁ ଥିଲା । ଦୁଇଯାକ ଗଛମୂଳେ ବସି ଟିକିଏ ଥକ୍କା ମାରିଲେ । ମଣିଭଦ୍ର କହିଲା – "ଭାଇ, ତୁ ଏଠି ଟିକିଏ ବସିଥା, ମୁଁ ନଈରେ ଗାଧୋଇ ଆସୁଛି । ତା'ପରେ ରୋଷେଇ କରି ସଅଳ ଗଣ୍ଡେ ଗଣ୍ଡେ ଖାଇ ପୁଣି ବାଟ ଚାଲିବା ।"

ସାଙ୍ଗ କଥାରେ ସୁଶୀଳ ରାଜି ହୋଇଗଲା । ମଣିଭଦ୍ର ଗାଧୋଇ ଯାଧୋଇ ଆସିଲାରୁ ସୁଶୀଳ କହିଲା – "ଆମ ପାଖରେ ରୋଷେଇ ସରଞ୍ଜାମ

Digitized by srujanika@gmail.com

ସବୁ ଜିନିଷ ଅଛି । କେବଳ ଗୋଟାଏ ଜିନିଷ ନାହିଁ, ତାହା ହେଉଛି ନିଆଁ । ନିଆଁ ଏଠି ପାଇବା କିମିତି ?”

ମଣିଭଦ୍ର କହିଲା—“ଏଇ କଥା ତ ? ତୁ ଆଗେ ଆଉ ସବୁ ଜିନିଷ ଠିକ୍ କର । ମୁଁ ଏଇକ୍ଷଣି ନିଆଁ ନେଇ ଆସୁଛି ।”

ଏହା କହି ମଣିଭଦ୍ର ମନ୍ତ୍ର ପଢ଼ି କାଠରୁ ନିଆଁ ବାହାର କରିଦେଲା । ସୁଶୀଳକୁ ତାହା ଦେଇ କହିଲା—“ହେଇ ନେ, ନିଆଁ ଏଠି ରହିଲା ।”

ଦୁହେଁ ଖାଇଲେ । ଚୁଲି ଜଳିଥାଏ । ହେଲେ ସୁଶୀଳର ମନ ଆଉ କାହିଁରେ ଲାଗୁନଥାଏ । ତା’ର ଆଖିଆଗରେ ମଣିଭଦ୍ର ମନ୍ତ୍ର ପଢ଼ି ନିଆଁ ବାହାର କରିଦେଲା । ସେଥିପାଇଁ ସେ ଖାଲି ହିଂସାରେ ଜଳିଗଲା । ସେ ଭାବିଲା— ମଣିଭଦ୍ର ଓ ମୁଁ ଏକାଠି ପାଠ ପଢ଼ିଲୁ । ସେ ମନ୍ତ୍ର ବଳରେ ବହୁତ କିଛି କାମ କରିପାରୁଛି, କିନ୍ତୁ ମୋ ଦ୍ୱାରା ତ କାଣିକଉଡ଼ିଟାର କାମ ବି ହେବ ନାହିଁ । ଆମେ ଦୁହେଁ ଘରକୁ ଗଲେ, ସମସ୍ତେ ମଣିଭଦ୍ରକୁ ବାହାବାହା କରିବେ, ମୋତେ ତ କେହି ପଚାରିବେ ନାହିଁ । ସେଥିପାଇଁ ମଣିଭଦ୍ର ଯେପରି ଘରକୁ ନଯାଏ, ତା’ର ଉପାୟ କରିବାକୁ ହେବ । କି ଉପାୟ ଆଉ ଅଛି ? ସିଧା ତାକୁ ମାରିଦେଲେ କାମ ସରିଲା । ମୂଳ୍ପୁଁ ମାଇଲେ ଯିବ ସରି । ତେଣିକି ମୋର ପାଠପଢ଼ାର କିଛି ମୂଲ୍ୟ ରହିବ ।

ଭୋଜନ ସରିଲା । ଦୁଇସାଙ୍ଗ ଖିଆପିଆ କଲେ । ତା’ପରେ ମଣିଭଦ୍ର କହିଲା—“ଆଉ ଡେରି କରିବା ନାହିଁ; ଚାଲ ଧୀରେ ଧୀରେ ଆମ ବାଟ ଧରିବା ।”

ସୁଶୀଳ କହିଲା—ଏତେ ବାଟ ଚାଲି ଚାଲି ଥକି ପଡ଼ିଥାଇଁ । ଏବେ ପେଟେ ପେଟେ ଖାଇ ବାଟଚାଲିବାଟା ଠିକ୍ ହେବ ନାହିଁ । ଆ, ଗଛ ଛାଇରେ ଟିକିଏ ଆରାମ କରିବା । ଖରା ଟିକିଏ ଲେଉଟିଲେ ପୁଣି ବାଟ ଚାଲିବା ।

ଏହାପରେ ଦୁଇବନ୍ଧୁ ଗଛ ଛାଇରେ ବିଶ୍ରାମ ନେଲେ । ଦେଖୁଁ ଦେଖୁଁ ମଣିଭଦ୍ର ନିଦଘୋଡ଼ ନିଦରେ ଶୋଇପଡ଼ିଲା । କିନ୍ତୁ ସୁଶୀଳର ଆଖିକୁ ନିଦ ଆସୁଛି କେମିତିକି ? ସେ ଖାଲି ବେଳ ଉଣ୍ଡୁଥାଏ । ମଣିଭଦ୍ର ନିଦରେ

Digitized by srujanika@gmail.com

ଶୋଇପଡ଼ିବାରୁ ସେ ଗୋଟିଏ ଧାରୁଆ ଖଣ୍ଡା ତା'ର ନେପଟର ଭିତରୁ ବାହାର କଲା । ତା'ପରେ ସେ ମଣିଭଦ୍ରକୁ ମାରିବାର ଖଣ୍ଡା ଉଠାଇଲା–

[ମଣିଭଦ୍ରକୁ ମାରିଦେବା ପାଇଁ ସୁଶୀଳ ଖଣ୍ଡା ଉଠାଇଛି]

[illegible] ତା'ର ନିଦ [illegible] । ସେ ବିକଳ ହୋଇ ସୁଶୀଳକୁ କହିଲା– "ଭାଇ ମୋତେ ମାରନାହିଁ; ତୁ ଯାହା କହିବୁ ତାହା ତ

Digitized by srujanika@gmail.com

ଦେଇଦେବ ।" କିନ୍ତୁ ସୁଶୀଳ ତ ନଚ୍ଛୋଡ଼ବନ୍ଧା; ସେ ମଣିଭଦ୍ରର କଥା ଶୁଣିବ କଆଁ ?

ଶେଷକୁ ଆଉ ଉପାୟ ନଦେଖି ମଣିଭଦ୍ର କହିଲା—"ମୋତେ ମାରିବୁ ତ ମାର୍ । ହେଲେ, ଏଇ ଚିଠିଟି ମୋର ବାପାଙ୍କୁ ଦେଇଦେବୁ ।" ଏହା କହି ସେ ଚିଠିରେ 'ପୁସୁରୁ ବୁ' ଏହି ଚାରିଟି ଅକ୍ଷର ଲେଖିଦେଲା ।

ତା'ପରେ ସୁଶୀଳ ଏକାଚୋଟକେ ମଣିଭଦ୍ରର ମୁଣ୍ଡଗଣ୍ଡି ଅଲଗା କରିଦେଲା । ସେ ମଣିଭଦ୍ରର ଚିଠିପଢ଼ି କିଛି ବୁଝିପାରିଲା ନାହିଁ । କିଛିଦିନ ପରେ ସେ ଧାରା ନଗରୀରେ ପହଞ୍ଚି ମଣିଭଦ୍ରର ବାପାଙ୍କ ପାଖକୁ ଗଲା । ସେ ତାଙ୍କୁ କହିଲା "ମୋର ପାଠ ଶେଷ ହୋଇଯିବାରୁ ମୁଁ ଗୁରୁଙ୍କଠାରୁ ବିଦାୟ ନେଇ ଚାଲିଆସିଲି । ମଣିଭଦ୍ରର ପାଠ ଆହୁରି ଶେଷ ହୋଇନାହିଁ । ତେଣୁ ସେ ଗୁରୁଙ୍କ ପାଖରେ ଅଛି । ମୁଁ ଆସିଲା-ବେଳେ ସେ ଆପଣଙ୍କ ପାଖକୁ ଏହି ଚିଠିଟି ଦେଇଛି ।"

ଚିଠିର ଲେଖା ପଢ଼ି ମଣିଭଦ୍ରର ବାପ କିଛି ବୁଝିପାରିଲେନି । 'ପୁସୁରୁ ବୁ' ଚାରିଟି ଅକ୍ଷର ମାତ୍ର । ସେଥିରୁ କିଏ ବା କ'ଣ ବୁଝିବ ? ତେଣୁ ସେ ଆଖପାଖରେ ଥିବା ଜାଣିବା ଶୁଣିବା ଲୋକଙ୍କୁ ଚିଠିଟି ଦେଖାଇଲେ । କିନ୍ତୁ କେହିହେଲେ ଚିଠିର ଅର୍ଥ କିଛି କହିପାରିଲେ ନାହିଁ । ଶେଷକୁ ସେ ଭୋଜଙ୍କ ରାଜସଭାକୁ ଯାଇ ରାଜାଙ୍କ ହାତରେ ଚିଠିଟି ଦେଲେ । ରାଜା 'ପୁସୁରୁ ବୁ' ଏହି ଚାରୋଟି ଅକ୍ଷରର ଅର୍ଥ ପଣ୍ଡିତମାନଙ୍କୁ ପଚାରିଲେ । କିନ୍ତୁ କେହି ତା'ର ଉତ୍ତର ଦେଇପାରିଲେ ନାହିଁ । ଏହା ଦେଖି ରାଜା ରାଗିଯାଇ କହିଲେ—"ଆଜଠାରୁ ଏକମାସ ଭିତରେ ଯଦି ଏହାର ଉତ୍ତର କେହିହେଲେ ଦେଇନପାରିବ, ତେବେ ସେ ସମସ୍ତ ପଣ୍ଡିତଙ୍କୁ ମୁଁ ଫାଶିଦେବ ।"

ରାଜାଙ୍କ କଥା ଶୁଣି ପଣ୍ଡିତମାନଙ୍କ ପିଳେହି ପାଣି ହୋଇଗଲା । ସେମାନଙ୍କ ଉପରେ ସତେ ଯିମିତ ଅକାଳବଜ୍ର ପଡ଼ିଗଲା । ସେହି ସମୟରେ କାଳିଦାସ ଧାରା ନଗରୀରେ ନଥାନ୍ତି । ସେ କିଛିଦିନ ପାଇଁ ଏକ ପଡ଼ୋଶୀ

Digitized by srujanika@gmail.com

ରାଜ୍ୟକୁ ବୁଲିଯାଇଥିଲେ । ଦିନ ଦିନ ହୋଇ ଯେତେବେଳେ ଅଣତିରିଶ ଦିନ ବିତିଗଲା, ପଣ୍ଡିତମାନଙ୍କ ଘରେ କାନ୍ଦବୋବାଳି ପଡ଼ିଲା ।

ଏଣେ କାଳିଦାସ ତାଙ୍କର ଭ୍ରମଣ ଶେଷକରି ଧାରାନଗରୀକୁ ଫେରୁଥା'ନ୍ତି । ସେ ଆସୁଆସୁ ବାଟରେ ଗୋଟିଏ ବଣ ପଡ଼ିଲା । ଯୋଗକୁ ସେହି ବଣରେ ହିଁ ସନ୍ଧ୍ୟା ହୋଇଗଲା । ଏତିକିବେଳେ କୁଆଡ଼ୁ କଳାହାଣ୍ଡିଆ ମେଘ ଘୋଟିଆସିଲା । କଟିକଟି ଅନ୍ଧାର, ମୁହଁକୁ-ମୁହଁ ଦିଶୁନାହିଁ । କାଳିଦାସ ଆଉ କରନ୍ତୁ କ'ଣ ? ବାଘ ଭାଲୁ ଡରରେ ସେ ଗୋଟିଏ ଗଛରେ ଚଢ଼ିଗଲେ ।

ଅଧରାତି ହେଲାରୁ ସେହି ଗଛମୂଳରେ ହାଉଁମାଉଁ ଶବ୍ଦକରି ଶହ ଶହ ଭୂତଆସି ହାଜର ହେଲେ । କିଛି ସମୟ ପରେ ସେମାନଙ୍କର ସର୍ଦ୍ଦାର ବେତାଳ ସେଠାକୁ ଆସିଲା । ସଭା ବସିଲା । ସବୁ ଭୂତ ବେତାଳକୁ କହିଲେ—"ସର୍ଦ୍ଦାର, ଆଜିକୁ ଚାରିଦିନ ହେଲା ପେଟରେ ଦାନା ପଡ଼ିନାହିଁ, ଆମ୍ଭେମାନେ ଭୋକରେ ଛଟପଟ ହେଉଅଛୁଁ । ଆମେ ସବୁ କ'ଣ ଖାଇବୁ କହ ।"

ବେତାଳ କହିଲା—"ତୁମ୍ଭମାନଙ୍କୁ କାଲି ମନଇଚ୍ଛା ଖାଇବାକୁ ମିଳିବ । କାଲି ଭୋଜରାଜା ତାଙ୍କର ଚଉଦଶହ ପଣ୍ଡିତଙ୍କୁ ଫାଶି ଦେବେ । ଆଉ ତୁମର ଅଭାବ କ'ଣ ?"

ଜଣେ ଭୂତ ପଚାରିଲା—'ସେମାନଙ୍କୁ କାହିଁକି ଫାଶି ଦିଆଯିବ ?'

ବେତାଳ ସେମାନଙ୍କୁ ସବୁକଥା ଗୋଟି ଗୋଟି କରି କହିଗଲା । ଏତିକିବେଳେ ଆଉ ଗୋଟିଏ ଭୂତ ପଚାରିଲା—'ସେହି ଚାରିଟି ଅକ୍ଷରର ଅର୍ଥ କ'ଣ ?"

ସୁଶୀଳ କପଟର ମଣିଭଦ୍ରକୁ ହାଣିଦେଲା, ସେକଥା ବେତାଳ ସବୁ ଭୂତଙ୍କ ଆଗରେ କହିଦେଲା । କାଳିଦାସ ଗଛରେ ବସି ବେତାଳର କଥା ଶୁଣୁଥିଲେ । ପାହାନ୍ତିଆ ହେବାରୁ ଭୂତସବୁ ଯେ ଯୁଆଡ଼େ ଚାଲିଗଲେ । କାଳିଦାସ ଗଛରୁ ଓହ୍ଲାଇ ଧାରାନଗରୀ ରାସ୍ତା ଧରିଲେ ।

ତା' ପରଦିନ କାଳିଦାସ ରାଜସଭାରେ ପହଞ୍ଚି କହିଲେ—"ମହାରାଜ, ଆଜ୍ଞାଦେଲେ ମୁଁ ସେହି ଚାରିର ଅର୍ଥ କହିଦେବି ।"

Digitized by srujanika@gmail.com

ରାଜା କହିବାକୁ ଆଦେଶ ଦେଲେ । ତହୁଁ କାଳିଦାସ କହିଲେ— 'ପୁସୁଚୁବୁ' ଏହି ଚାରୋଟି ଅକ୍ଷର ଗୋଟିଏ ଶ୍ଳୋକର ପ୍ରଥମ ଅକ୍ଷର । ତାହା ଶୁଣନ୍ତୁ ।

ଅନେକ ଭଟ ପୁତ୍ରସ୍ୟ ପ୍ରସୁପ୍ତସ୍ୟା ବନାନ୍ତରେ
ଶିଖାମାଦାୟ ହସ୍ତେନ ଖଡ଼୍‌ଗେନାପହୃତଂ ଶିରଃ ।

[ଶ୍ଳୋକର ପ୍ରଥମ ଚାରିଅକ୍ଷର— ଅପ୍ରଶିଖ = ପୁସୁଚୁବୁ (ଭାବାନୁବାଦ)]

ଭାବାନୁବାଦ—

ପୁଅ ତୁମ ବନେ ଥିଲା ଯେ ଶୋଇ,
ସୁଶୀଳ ଏକାଳେ ଖଡ଼୍‌ଗ ନେଇ ।
ଚୁଟି ଧରି ତା'ର କାଟିଲା ବେକ,
ବୁଝିବ ଏ କଥା ବୁଝିବା ଲୋକ ।

ଏହାପରେ ସୁଶୀଳ କପରି ମଣିଭଦ୍ରକୁ ମାରିଦେଲା, ତାହା କାଳିଦାସ ରାଜାଙ୍କ ଆଗରେ ବର୍ଣ୍ଣନା କଲେ । ରାଜା ସୁଶୀଳକୁ ଡକାଇ ଏକଥା ପଚାରିଲେ । ସେ ପ୍ରଥମେ କିଛି ଜାଣିନାହିଁ ବୋଲି କହିଲା । କିନ୍ତୁ ରାଜା ଯେତେବେଳେ ତାକୁ ମାଡ଼ର ଭୟ ଦେଖାଇଲେ, ସେ ଡରିମରି ମଣିଭଦ୍ରକୁ ମାରିଥିବା କଥା ସ୍ୱୀକାର କଲା ।

ଏହିପରି କାଳିଦାସ ଚଉଦଶହ ପଣ୍ଡିତଙ୍କୁ ଫାଶି ମୁହଁରୁ ରକ୍ଷା କଲେ । ସବୁ ପଣ୍ଡିତ ତାଙ୍କୁ ଧନ୍ୟ ଧନ୍ୟ କଲେ । ରାଜା ବି ତାଙ୍କ ଉପରେ ଖୁସି ହୋଇ ତାଙ୍କୁ ଲକ୍ଷେ ଟଙ୍କା ପୁରସ୍କାର ଦେଲେ ।

ତା' ପରଦିନ ବଣର ସେହି ଗଛମୂଳେ ଭୂତମାନଙ୍କର ସଭା ବସିଲା । ପଣ୍ଡିତମାନେ ଫାଶି ନ ପାଇବାରୁ ସେମାନଙ୍କ ମନରେ ବଡ଼ ଦୁଃଖ ହେଲା । ଆଉ କରିବେ କ'ଣ, ତେଣିକି ଯେ ଯାହାର ଖାଇବା ଜିନିଷ ଯୋଗାଡ଼ କରିବାରେ ଲାଗିପଡ଼ିଲେ ।

—୦—

Digitized by srujanika@gmail.com

ବାଆଁ ହାତ ଓ ଡାହାଣ ହାତ

ବେଳ ଗଡଗଡ । ଝୁଲୁଝୁଲିଆ ପବନ ବହୁଥାଏ । ରାଜା ଭୋଜ କାଳିଦାସଙ୍କୁ ସଙ୍ଗରେ ନେଇ ତାଙ୍କର ବଗିଚାରେ ବୁଲୁଥାନ୍ତି । ଦୁହେଁ କଥାବାର୍ତ୍ତା ହୋଇ ଧୀରେ ଧୀରେ ଆଗକୁ ପାଦ ବଢ଼ାଉଥାନ୍ତି । ଏତିକବେଳେ କମ୍ବୁପାଣି ନାମକ ପଣ୍ଡିତ ସେଠାରେ ପହଞ୍ଚିଲେ । କାଳିଦାସ ରାଜାଙ୍କ ବାଁ ପଟରେ ଚାଲୁଥାନ୍ତି । କମ୍ବୁପାଣି ଜାଣିଶୁଣି କାଳିଦାସଙ୍କ ଦେହକୁ ଠେସିହୋଇ ଚାଲିବାକୁ ଲାଗିଲେ । ତେଣୁ କାଳିଦାସ ରାଜାଙ୍କ ଡାହାଣ ପଟକୁ ଚାଲିଗଲେ ।

ବର୍ତ୍ତମାନ ରାଜା ମଝିରେ, ତାଙ୍କ ବାଁ ପଟେ କମ୍ବୁପାଣି ପଣ୍ଡିତ ଏବଂ ଡାହାଣପଟେ କାଳିଦାସ । କମ୍ବୁପାଣି ଆଗରୁ ଗୋଟିଏ ଶ୍ଲୋକ ଶିଖି ଆସିଥିଲେ । ସେଥିପାଇଁ ସେ ରାଜାଙ୍କ ବାଁ ପଟରେ ରହିଲେ । ସେ ବାଁ ପଟର ବଡ଼ପଣିଆ ବିଷୟରେ ଗୋଟିଏ ଶ୍ଲୋକ ଗାଇଲେ । ତାହା ଏହି—

ଗୃହ୍ଣାତ୍ୟୋଷ ରିପୋଃ ଶିରଃ ପ୍ରତିଜବଂ
କର୍ଷତ୍ୟସୌ ବାଜିନଂ

ଧୃତ୍ୱା ଚର୍ମ ଧନୁଃ ପ୍ରୟାତି ସତତଂ
ସଂଗ୍ରାମ ଭୂମାବପି

ଦ୍ୟୂତଂ ଚୌର୍ଯ୍ୟ ମଥ ସ୍ତ୍ରୀୟଂ ଚ ଶପଥଂ
ଜାନାତି ନାସ୍ୟଂ କରେ ॥

Digitized by srujanika@gmail.com

ଭାବାନୁବାଦ—

ବାଆଁ ହାତେ ଧରି   ଅରିର ଶିର
ଡାହାଣ ହାତରେ   ଛେଦନ୍ତି ବୀର ।

ଏହି ହାତେ ଆଗେ   ଧନୁକୁ ଧରି
ଡାହାଣେ ଟାଣନ୍ତି   ପଛେ ତା' ଡୋରି ।

ବାଆଁ ହାତ କେବେ   ନଖେଳେ ଜୁଆ
ନକରଇ ଚୋରି   ନୁହେଁ ମିଛୁଆ ।

ଏହି ହାତ କରେ   ମହତ କାମ
ଡାହାଣ ହାତ କି   ହେବ ତା' ସମ ?

ଭାବାର୍ଥ—ବୀରମାନେ ପ୍ରଥମେ ବାଁ ହାତରେ ଶତ୍ରୁର ମୁଣ୍ଡ ଧରି ପରେ ଡାହାଣ ହାତରେ ତାହାକୁ ହାଣିଦିଅନ୍ତି । ପୁଣି ବାଁ ହାତରେ ପ୍ରଥମେ ଧନୁକୁ ଧରି ପରେ ତା'ର ଡୋରିକୁ ଟାଣନ୍ତି । ବାଁ ହାତ କେବେହେଲେ ଜୁଆ ଖେଳେ ନାହିଁ । ଏହା କାହାଠାରୁ କୌଣସି ଜିନିଷ ନେଇ ନାହିଁ ବୋଲି ଫାଙ୍କିଦିଏ ନାହିଁ । ବାଁ ହାତ ମହତ କାମ କରେ । ଡାହାଣ ହାତ ତା'ର ସମାନ ହୋଇପାରିବ କି ?

ଏହି କବିତାଟି ଗାଇସାରି କମ୍ବୁପାଣି କାଳିଦାସଙ୍କ ମୁହଁକୁ ଚାହିଁ ଟିକେ ହସିଦେଲେ । ରାଜା ଏହା ଦେଖି କାଳିଦାସଙ୍କୁ କହିଲେ—କହେ। କାଳିଦାସ, ଭାରି ମଜା କଥା ତ ! ସତରେ ବାଁହାତ କି ଡାହାଣହାତ ଠାରୁ ବଡ଼ ।

କାଳିଦାସ କହିଲେ—ହଁ ମହାରାଜ, ବାଁ ହାତ କେମିତି ବଡ଼ କହୁଛି ଶୁଣନ୍ତୁ—

ଦାନାନୁଦ୍ୟତଶ୍ଚ ବଲ୍ଲେକ୍ୟ ବଧ୍ନା
ଶୌଚ୍ଯୁଧିକାରୀ କୁତଃ

Digitized by srujanika@gmail.com

ଭାବାନୁବାଦ—

ବାଁ ହାତ ଯେଣୁ ନଦଏ ଦାନ
ବନ୍ଧି ଦେଲ ତାଙ୍କୁ ଶଉଚ କାମ ।

[ରଜାଙ୍କ ଦୁଇପାର୍ଶ୍ୱରେ ଦୁଇ ପଣ୍ଡିତ]

Digitized by srujanika@gmail.com

ଭାବାର୍ଥ—ବାଆଁ ହାତରେ କେବେ ଦାନ ଦିଆଯାଏ ନାହିଁ । ତେଣୁ ଭଗବାନ ତାକୁ ଶଉଚ କାର୍ଯ୍ୟଟି କରିବାକୁ ଦେଇଛନ୍ତି ।

କମ୍ବୁପାଣି ସିନା ନିଜେ ବଡ଼ପଣ୍ଡିତ ବୋଲି ଦେଖାଇ ହେଉଥିଲେ କାଳିଦାସଙ୍କ କଥା ଶୁଣି ସେ ଆଉ ହୁଁ ଚୁଁ ନକରି ଲଜ୍ଜାରେ ମୁହଁ ତଳକୁ କରିଦେଲେ । ସେହିଦିନଠାରୁ ସେ ଆଉ କେବେ କାଳିଦାସଙ୍କ ପାଖରେ ନିଜର ବଡ଼ାଇ କରିବାକୁ ସାହସ କଲେନାହିଁ ।

—o—

Digitized by srujanika@gmail.com

ଗୁରୁ ନା ଚଗାରୁ ?

ଭୋଜଙ୍କ ରାଜସଭାରେ ବିଷ୍ଣୁଶର୍ମା ନାମକ ଜଣେ ପଣ୍ଡିତ ଥା'ନ୍ତି । ଦିନକୁଦିନ କାଳିଦାସଙ୍କ ଖ୍ୟାତି ବଢ଼ିବା ଦେଖି ହିଂସାରେ ତାଙ୍କ ଦିହ ଜଳିଯାଉଥାଏ । ସେ ଭାବୁଥା'ନ୍ତି, କମିତି ବେଳଜାଣି କାଳିଦାସଙ୍କୁ ଭଲକରି ପଟେ ଦେବେ ।

ଦିନେ ଜଣେ ଗରିବ ବ୍ରାହ୍ମଣ ରାଜାଙ୍କଠାରୁ କିଛି ଧନ ମାଗିନେବା ପାଇଁ ଧାରା ନଗରୀକୁ ଆସିଲା । ସେ ବିଷ୍ଣୁଶର୍ମାଙ୍କୁ ବାଟରେ ଦେଖି ତା' ମନକଥା ଜଣାଇଲା । ବିଷ୍ଣୁଶର୍ମା କହିଲେ ତୁମର ତ ବିଦ୍ୟାବୁଦ୍ଧି କିଛି ନାହିଁ, ରାଜା ତୁମକୁ ପଚାରିବେ କଅଁ ? ହଁ, ତୁମକୁ ମୁଁ ଗୋଟିଏ ଉପାୟ ବତାଇ ଦେବି । ମୋ କଥା ଅନୁସାରେ କାମ କଲେ ତୁମେ ରାଜାଙ୍କଠାରୁ କିଛି ଧନ ପାଇପାରିବ ।

ବିଚରା ବ୍ରାହ୍ମଣ ପଇସା ଲୋଭରେ ବିଷ୍ଣୁଶର୍ମାଙ୍କ କଥାରେ ହଁ ଭରିଲା । ତହୁଁ ବିଷ୍ଣୁଶର୍ମା କହିଲେ—ତୁମେ ନଗରୀ ବାହାରେ ଗୋଟିଏ ଗଛମୂଳେ ବାବାଜି ସାଜି ବସିବ । ମୁଁ ତୁମକୁ ମୋର ଚାରିଜଣ ଶିଷ୍ୟ ଦେବି । ସେମାନେ ତୁମର ଚେଲା ସାଜି ବସିବେ । ଲୋକମାନେ ସେ ବାଟ-ଦେଇ ଗଲାବେଳେ ଚେଲାମାନେ ପାଟିକରି କହୁଥିବେ, "କାଳିଦାସଙ୍କ ଗୁରୁଙ୍କର ଜୟହେଉ । କିନ୍ତୁ ସାବଧାନ, ତୁମେ କେତେବେଳେ ଭୁଲ୍‌ରେ ପାଟି ଫିଟାଇବ ନାହିଁ । ପାଟି ଫିଟାଇଲାକ୍ଷଣି ତୁମେ ମୂର୍ଖ ବୋଲି ଧରାପଡ଼ିଯିବ ।"

ପେଟବିକଳରେ ବ୍ରାହ୍ମଣ ଗୋଟିଏ ଗଛମୂଳେ ବାବାଜି ବେଶରେ ବସିରହିଲା । ଚାରିଶିଷ୍ୟ ବିଷ୍ଣୁଶର୍ମା କହିବା ଅନୁଯାୟୀ ପାଟିକରି କହିବାକୁ ଲାଗିଲେ । ଗୁହୁଁଗୁହୁଁ ଧାରା ନଗରୀରେ ଡ଼ଗର ହୋଇଗଲା ଯେ, କାଳିଦାସଙ୍କ ଗୁରୁ ଆସିଛନ୍ତି । ଶେଷକୁ ଏକଥା ରାଜାଙ୍କ କାନରେ ପହଞ୍ଚିଲା । ରାଜା କାଳିଦାସଙ୍କୁ କହିଲେ—"ତୁମର ଗୁରୁଦେବ ଆସିଛନ୍ତି, ତୁମେ ଥରେହେଲେ ଦେଖା କରିବାକୁ ଯାଉନାହଁ ? ତୁମେ କେମିତିଆ ଶିଷ୍ୟ କହେ ?"

Digitized by srujanika@gmail.com

କାଳିଦାସ କହିଲେ—ମହାରାଜ, ମୋର ଗୁରୁଦେବ ଏତେ କଷ୍ଟକରି ଯେତେବେଳେ ଆସିଛନ୍ତି, ମୁଁ ଦେଖା ନକରିବି କିମିତି । ଆଜି ନିଶ୍ଚୟ ଯାଇ ଦେଖାକରି ଆସିବି ।

କାଳିଦାସ ବୁଝିଗଲେ, ଏସବୁ ବିଷ୍ଣୁଶର୍ମାର କାରସାଦି । ତାଙ୍କୁ ଅପମାନ ଦେବାପାଇଁ ସେ ଏମିତି ଫନ୍ଦି କରୁଛି । ସେଦିନ ସନ୍ଧ୍ୟା ହେଲାରୁ କାଳିଦାସ ସେହି ବାବାଜିଙ୍କ ପାଖକୁ ଗଲେ । ସେ ଏକାକିଆ ଗୁରୁଙ୍କ ସାଙ୍ଗରେ କଥାଭାଷା ହେବାପାଇଁ ଇଚ୍ଛା କଲେ । ତେଣୁ ଚେଲା ଚାରିଜଣ କିଛି ସମୟ ପାଇଁ ସେଠାରୁ ଚାଲିଗଲେ । ତା'ପରେ କାଳିଦାସ ବାବାଜିଙ୍କୁ କହିଲେ—"କିରେ ଛତରଖିଆ ବ୍ରାହ୍ମଣ, ତୋର ଏ ଦୁର୍ବୁଦ୍ଧି କାହିଁକି ହେଲା ? ତୁ ଜାଣୁଛି, ଏହାର ଫଳ କ'ଣ ହେବ । ମୁଁ ଯଦି ରାଜାଙ୍କୁ ପ୍ରକୃତ କଥା କହିଦିଏ, ତେବେ ରାଜାଙ୍କ ସିପାହୀମାନେ ପିଟି ପିଟି ତୋ' ପିଠିରୁ ଛାଲି ଉତାରି ଦେବେ ।"

ଆଖି ଆଗରେ କାଳିଦାସଙ୍କୁ ଦେଖି ଏବଂ ତାଙ୍କର ଧମକ ଶୁଣି ଡରରେ ବାବାଜିଙ୍କ ଛାତି ପଡ଼ିଲା ଉଠିଲା । ସେ ହାତଯୋଡ଼ି କାଳିଦାସଙ୍କୁ କହିଲେ— "ମହାଶୟ, ମୁଁ ନିହାତି ଗରିବ ବ୍ରାହ୍ମଣଟାଏ । ମୋତେ ମାରିବେ ଯଦି ମାରନ୍ତୁ, ତାରିବେ ଯଦି ତାରନ୍ତୁ । ପେଟ ବିକଳରେ ବିଷ୍ଣୁଶର୍ମାଙ୍କ କଥାରେ ପଡ଼ି ମୁଁ ଏ ଭେକ ଧରିଥିଲି ।"

କାଳିଦାସ କହିଲେ—"ହଉ, ଛାଡ଼ ସେକଥା । ମୁଁ କହିବା ଅନୁସାରେ କାମକଲେ ତୁମକୁ ରାଜା ଯଥେଷ୍ଟ ଧନ ଦେବେ । ଶୁଣ, ତୁମେ ରାଜସଭାକୁ ଯାଇ କହିବ, ମୁଁ କାଳିଦାସଙ୍କ ଗୁରୁ । କିନ୍ତୁ ରାଜା କୌଣସି ପ୍ରଶ୍ନ ପଚାରିଲେ ତୁମେ ତା'ର ଉତ୍ତର ନଦେଇ ମୋ ଆଡ଼େ ଆଙ୍ଗୁଠି ଦେଖାଇଦେବ ।"

ବ୍ରାହ୍ମଣ ମୁଣ୍ଡ ଟୁଙ୍ଗାରି 'ହଁ' ବୋଲି ଜଣାଇଲା । ତା' ପରଦିନ ସେ ରାଜସଭାକୁ ଯାଇ ନିଜକୁ କାଳିଦାସଙ୍କ ଗୁରୁ ବୋଲି ଜଣାଇଲା । ତେଣୁ ରାଜା ତାଙ୍କୁ ବହୁତ ଆଦର କରି ଆସନ ଦେଲେ । କାଳିଦାସଙ୍କ ଗୁରୁ କିପରି ବିଦ୍ୱାନ୍ ଜାଣିବା ପାଇଁ ରାଜା ତାଙ୍କୁ ପଚାରିଲେ—"ଲଙ୍କାର ରାଜାଙ୍କୁ କେହି କେହି 'ରାବନ' ବୋଲି କହନ୍ତି, ଆଉ କେହି କେହି ରାବଣ କହନ୍ତି । ଏ ଦୁଇଟି ମଧ୍ୟରୁ କେଉଁଟି ଠିକ୍ ।"

Digitized by srujanika@gmail.com

ବ୍ରାହ୍ମଣ ଏହାପୂର୍ବରୁ କେବେ ରାଜସଭା ଦେଖିନଥିଲା । ପାଖରେ ରାଜା ଏବଂ ଗୁରୁଆଡ଼େ ବହୁ ଶହ ପଣ୍ଡିତ ଦେଖି ସେ ଡରିଗଲା । ସେ କାଳିଦାସଙ୍କ କଥା ଭୁଲିଯାଇ ତୁଣ୍ଡଆରେ କହିପକାଇଲା 'ରଭଣ' ।

ରାଜା ଭାବିଲେ, ଲୋକଟା ନିହାତି ମୂର୍ଖ । ନ ହେଲେ 'ରଭଣ' ବୋଲି କହନ୍ତା କାହିଁକି ? ସେ କାଳିଦାସଙ୍କ ଆଡ଼କୁ ଚାହିଁ କହିଲେ— "ଏ କ'ଣ ତୁମର ଗୁରୁ ନା ଗୋରୁ ?"

ଏତିକିବେଳେ କାଳିଦାସ କହିଥିବା କଥା ବ୍ରାହ୍ମଣର ମନେ-ପଡ଼ିଗଲା । ସେ ଆଉ ଡେରି ନକରି କାଳିଦାସଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇଦେଲା ।

କାଳିଦାସ ତ ଠିକ ବସିଥିଲେ । ସେ ଗୁରୁଙ୍କର କଥା ଠିକ୍ ବୋଲି କହିବାକୁ ଯାଇ ଏହି ଶ୍ଳୋକଟି ଗାଇଲେ—

କୁମ୍ଭକର୍ଣ୍ଣ ଭକାରେସ୍ତି ଭକାରେସ୍ତି ବିଭୀଷଣ
ତସ୍ୟ ଜ୍ୟେଷ୍ଠୋ ସୁରଶ୍ରେଷ୍ଠୋ ରଭଣୋ ନ ତୁ ରାବଣଃ ।

ଭାବାନୁବାଦ—

'ଭ' ଅକ୍ଷର ଅଛି କୁମ୍ଭକର୍ଣ୍ଣ ଆଉ
ବିଭୀଷଣ ନାମେ ଯେଣୁ,
ଅସୁର ରାଜନ ବଡ଼ ଭାଇ ନାମେ
'ଭ' ରହିବା କଥା ତେଣୁ ।

ଭାବାର୍ଥ—କୁମ୍ଭକର୍ଣ୍ଣ ଓ ବିଭୀଷଣ ରାବଣର ସ୍ରେଷ୍ଠ ଭାଇ । କୁମ୍ଭକର୍ଣ୍ଣ ଓ ବିଭୀଷଣ; ଏହି ଦୁଇ ନାମରେ 'ଭ' ଅକ୍ଷର ଅଛି । ରାବଣ ସେମାନଙ୍କର ବଡ଼ ଭାଇ ଏବଂ ଅସୁରମାନଙ୍କର ରାଜା । ତେଣୁ 'ରାବଣ' ନାମରେ ବି 'ଭ' ଅକ୍ଷର ରହିବା କଥା । ଅତଏବ 'ରାବଣ' ବା 'ରାବନ' ନକହି 'ରଭଣ' କହିବା ଠିକ୍ ହେବ ।

କାଳିଦାସଙ୍କ ଯୁକ୍ତି ଶୁଣି ରାଜା ଭାରି ଖୁସି ହେଲେ ଏବଂ ତାଙ୍କର ଗୁରୁଙ୍କୁ ଲକ୍ଷେ ଟଙ୍କା ପୁରସ୍କାର ଦେଲେ । ଗରିବ ବ୍ରାହ୍ମଣ ଲକ୍ଷେ ଟଙ୍କା ପାଇ ମନ ଖୁସିରେ ଘରକୁ ଗଲା । ସେ ତା' ଜୀବନରେ କାଳିଦାସଙ୍କୁ ଭୁଲିପାରିଲା ନାହିଁ । ଏଣେ ବିଷ୍ଣୁଶର୍ମାଙ୍କ ଫନ୍ଦ ଧରାପଡ଼ିବାରୁ ସେ ମନେ

Digitized by srujanika@gmail.com

[ରାଜସଭାରେ ବାବାଜୀ ରାଜାଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି]

ମଦନ ଲଜ୍ଜିତ ହେଲେ ଏବଂ ଆଉ କେବେ କାଳିଦାସଙ୍କୁ ଅପମାନ ଦେବେ ନାହିଁ ବୋଲି ପ୍ରତିଜ୍ଞା କଲେ ।

—o—

Digitized by srujanika@gmail.com

ଘରେ ନପଶୁଣୁ ମୁଣ୍ଡରେ ଘୁଳ

ଦିନକୁ ଦିନ କାଳିଦାସଙ୍କ ନାଁ ଦେଶ ବିଦେଶରେ ବ୍ୟାପିବାକୁ ଲାଗିଲା । ତାହାରୁ ଅନେକ ପଣ୍ଡିତ ତାଙ୍କ ସହିତ ବାଦବିବାଦ କରିବାକୁ ଆସନ୍ତି, କିନ୍ତୁ ପରାସ୍ତ ହୋଇ ମନଦୁଃଖରେ ଫେରିଯାଆନ୍ତି । ସେ ସମୟରେ ମଦନପୁରରେ ଜଣେ ବଡ଼ ପଣ୍ଡିତ ଥିଲେ । ତାଙ୍କ ନାଁ ଗୁଣନିଧି । ସେ ଅନେକ ପଣ୍ଡିତଙ୍କୁ ପରାସ୍ତ କରି ଧନ ଓ ସମ୍ମାନ ଅର୍ଜନ କରିଥିଲେ । କାଳିଦାସଙ୍କ ସହିତ ବିଦ୍ୟାଚର୍ଚ୍ଚା କରି ତାଙ୍କୁ ପରାସ୍ତ କରିବାପାଇଁ ସେ ମନେ ମନେ ଠିକ୍ କଲେ । ତେଣୁ ସେ ଧାରାନଗରୀକୁ ଆସି ଗୋଟିଏ ଧର୍ମଶାଳାରେ ରହିଲେ ।

ଗୁଣନିଧି ପଣ୍ଡିତ ଖୁବ୍ ଆଡ଼ମ୍ବରରେ ରହୁଥା'ନ୍ତି । ସେ ପ୍ରତିଦିନ ଦାମିକା ଓ ନୂଆ ନୂଆ ପୋଷାକ ପିନ୍ଧୁଥାନ୍ତି । ସବାରିରେ ବସି ଧାରା-ନଗରୀରେ ଥରେ ବୁଲିଆସନ୍ତି । ଏମିତି ଦୁଇ ଚାରିଦିନ ଗଲାପରେ କାଳିଦାସ ଗୁଣନିଧି ପଣ୍ଡିତଙ୍କ ବଡ଼ାଇ ଭାଙ୍ଗିବାପାଇଁ ଗୋଟିଏ ଫିକର କଲେ ।

ଦିନେ ସକାଳେ କାଳିଦାସ ସବାରିବାହକ ବେଶରେ ଯାଇ ସେହି ଧର୍ମଶାଳାରେ ପହଞ୍ଚିଲେ । ସେତେବେଳକୁ ଗୁଣନିଧି ପଣ୍ଡିତ ନିତ୍ୟକର୍ମ ସାରି ଜଳଖିଆ କରିସାରିଥାନ୍ତି । ସେ ଚାକରକୁ ଡାକି କହିଲେ—ଯା', ଚାରିଜଣ ସବାରିବାହକଙ୍କୁ ଡାକିଆଣ । ଚାକର ବାହକ ପାଇଁ ଡାକ-ପକାଇବାରୁ କାଳିଦାସ ସେଠାରେ ହାଜର ହେଲେ । ଆଉ ତିନିଜଣ ବାହକ ଡାକିଆଣିବାକୁ ଚାକରଟି କାଳିଦାସଙ୍କୁ କହିଲା । କାଳିଦାସ ସାଙ୍ଗେ ସାଙ୍ଗେ ତିନିଜଣ ବାହକଙ୍କୁ ଡାକିଆଣିଲେ ।

Digitized by srujanika@gmail.com

ତିନବାହକ ଓ କାଳିଦାସ ସବାରି ଉଠାଇଲେ । ଗୁଣନିଧି ପଣ୍ଡିତ ସେମାନଙ୍କୁ କହିଲେ—"ଦେଖ, ବଡ଼ବଜାର, ରାଜନଅର ବାଟଦେଇ-ଯିବ ଏବଂ ସବାରିକୁ ପୁଣି ସେ ବାଟଦେଇ ଏଠାକୁ ନେଇଆସିବ ।"

କାଳିଦାସ ସବାରିର ଯେଉଁପଟେ ଥା'ନ୍ତି, ସେପଟ ବରାବର ହଲଚଲ ହେଉଥାଏ । ସେ ବରାବର କାନ୍ଧ ବଦଳାଉଥିବାରୁ ଏପରି ହେଉଥାଏ । କାଳିଦାସ ତ କେବେ ସବାରି ବୋହି ନଥିଲେ । ତେଣୁ ତାଙ୍କର କାନ୍ଧକୁ ଖୁବ୍ ବାଧା ହେଉଥାଏ । ଏହା ଦେଖି ଗୁଣନିଧି ପଣ୍ଡିତ ତାଙ୍କୁ ପଚାରିଲେ—

"ଅୟମାନ୍ଦୋଳିକା ଦଣ୍ଡଃ ସ୍କନ୍ଧଂ କିଂ ତବ ବାଧତି"

ଭାବାନୁବାଦ—

ବାହକ ଭାଇରେ, ବାହକ ଭାଇ,
ବାଧୁଛୁ କି କାନ୍ଧ ସବାରି ବୋହି ?

ଭାବାର୍ଥ—ଆରେ ବାହକ ଭାଇ, ସବାରି ବୋହିବାରୁ ତୋର କାନ୍ଧକୁ ବାଧୁଛି କି ?

ଏଠାରେ ଗୁଣନିଧି ପଣ୍ଡିତେ 'ବାଧୁଛି' ନକହି ଭୁଲରେ 'ବାଧୁଛୁ' କହିଦେଲେ (ସଂସ୍କୃତରେ 'ବାଧତେ' ନକହି 'ବାଧତି' କହିଦେଲେ ।) କାଳିଦାସ ଗୁଣନିଧି ପଣ୍ଡିତଙ୍କ ଭୁଲ୍‌କୁ ଚଟ୍‌କିନା ଧରିପକାଇ କହିଲେ—

"ନ ବାଧତେ ତଥା ମାଂସ ଯଥା 'ବାଧତି' ବାଧତେ ।"

ଭାବାନୁବାଦ—

ସବାରି ଭାରରେ ନ ବାଧେ କାନ୍ଧି,
ବାଧୁଛି ଯେତିକି 'ବାଧୁଛୁ' ପଦ ।

ଭାବାର୍ଥ—ସବାରି ଭାର ବୋହି ମୋତେ ଯେତିକି ବାଧା ହେଉ ନାହିଁ, ତୁମର ('ବାଧୁଛି' ବାଧତି)—ଏହି ଭୁଲ୍ ପଦଟି ଶୁଣି ତା'ଠାରୁ ଅଧିକ କଷ୍ଟ ଲାଗୁଛି ।

Digitized by srujanika@gmail.com

ଜଣେ ସାଧାରଣ ସବାରିବାହକ ତାଙ୍କର ଭୁଲ୍ ଧରିପାରିବା ଦେଖି ଗୁଣନିଧି ପଣ୍ଡିତ କାବା ହୋଇଗଲେ । ସେ କାଳିଦାସଙ୍କୁ ପଚାରିଲେ—"ତୁ ତ ଭାରି ପାଠୁଆ ଲୋକ ପରି ଜଣାପଡ଼ୁଛୁରେ ! ତୁ ଏସବୁ ଶିଖିଲୁ କେମିତି ?"

କାଳିଦାସ କହିଲେ—"ଆଜ୍ଞା, ଏ ସହରରେ କାଳିଦାସ ବୋଲି ଜଣେ ପଣ୍ଡିତ ଅଛନ୍ତି । ମୁଁ ବେଳେବେଳେ ତାଙ୍କର ସବାରି ବୋହିବାକୁ ଯାଏ । ସେ ତାଙ୍କର ଚାକରବାକରଙ୍କ ସହିତ କଥା ହେଲାବେଳେ ମୁଁ ତାଙ୍କର କଥା ଶୁଣି ଶୁଣି କିଛି ଶିଖିଛି ।"

ଗୁଣନିଧି ଭାବିଲେ, ଏହି ବାହକ କାଳିଦାସଙ୍କଠାରୁ ଦୁଇପଦ କେତେବେଳେ ଶୁଣି ଯଦି ମୋର ଭୁଲ୍ ଧରିପାରୁଛି, ତେବେ କାଳିଦାସ କେଡ଼େବଡ଼ ପଣ୍ଡିତ ହୋଇଥିବେ ? ତେଣୁ ସେ ତାଙ୍କ ସହିତ ଆଉ ବାଦବିବାଦ କରିବେ କ'ଣ ? ରାଜସଭାକୁ ଯିବାପାଇଁ ତାଙ୍କର ଆଉ ସାହସ ହେଲାନି । ତେବେ ପରିଶ୍ରମ କରି ଏତେଦୂର ଆସିଛନ୍ତି, ସେଥିପାଇଁ କାଳିଦାସଙ୍କୁ ଟିକିଏ ଦେଖିଯିବା ପାଇଁ ତାଙ୍କର ଭାରି ଇଚ୍ଛା ହେଲା ।

ସବାରିବୁହା ମୂଲ ପାଇବା ପାଇଁ କାଳିଦାସ ଅପେକ୍ଷା କରିଥାନ୍ତି । ଏତିକିବେଳେ ଗୁଣନିଧି ପଣ୍ଡିତ ତାଙ୍କର ଚାକରକୁ କହିଲେ—"ତୁ ବସାରେ ଥା', ମୁଁ କାଳିଦାସଙ୍କ ଘରଆଡ଼େ ଯାଇ ଟିକିଏ ବୁଲିଆସୁଛି ।"

ଏହା ଶୁଣି କାଳିଦାସ ଶୀଘ୍ର ତାଙ୍କ ଘରକୁ ଚାଲିଗଲେ । ସେ ଶାଢ଼ିଟାଏ ପିନ୍ଧି, ଝାଡ଼ୁଟାଏ ହାତରେ ଧରି ଦାସୀ ବେଶରେ ଘରର ଅଗଣା ଓଳାଇବାକୁ ଲାଗିଲେ । କିଛି ସମୟ ପରେ ଗୁଣନିଧି ପଣ୍ଡିତେ ଦାଣ୍ଡଦୁଆରେ ଠିଆହୋଇ ପଚାରିଲେ—"କାଳିଦାସ ଘରେ ଅଛନ୍ତି କି ?" ଦାସୀ ବେଶରେ କାଳିଦାସ କହିଲେ—"ନା ବାବୁ, ଘୋଡ଼ାରେ ବସି ଘଣ୍ଟାଏ ହେଲା କୁଆଡ଼େ ଯାଇଛନ୍ତି ।"

ଗୁଣନିଧି ପଣ୍ଡିତ ତାଙ୍କୁ ଲକ୍ଷ୍ୟ କରି ପଚାରିଲେ—"ତୁମେ କିଏ ?" କାଳିଦାସ କହିଲେ—"ମୁଁ କାଳିଦାସଙ୍କ ଦାସୀ ।"

Digitized by srujanika@gmail.com

ଗୁଣନିଧି ପଣ୍ଡିତ ପଚାରିଲେ—କାଳିଦାସଙ୍କ ଦାସୀ ହୋଇ ତୁମ ଦେହରେ କ'ଣ ଗୋଟାଏ ବ ଗହଣା ନାହିଁ ?”

[ଦାସୀ ବେଶରେ କାଳିଦାସ]

ଏହା ଶୁଣି ଦାସୀବେଶୀ କାଳିଦାସ କହିଲେ—

ହସସ୍ୟ ଭୂଷଣଂ ଦାନଂ ସତ୍ୟଂ କଣ୍ଠସ୍ୟ ଭୂଷଣଂ
ସ୍ରୋତ୍ରସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନଃ ।

Digitized by srujanika@gmail.com

ଭାବାନୁବାଦ—

ଦାନ ଯିନା ବାସ୍ତୁ ହାତର ଗହଣା
ସତ୍ୟ ତେସନେ ମୁହଁର,
କାନର ଗହଣା ପୁରାଣ ଶୁଣିବା,
ଗହଣା କ ଦରକାର ?

ଭାବାର୍ଥ—ଦାନ କରିବା ହାତର ଗହଣା ପରି; ସତ କହିବା ମୁହଁର ଗହଣା, ପୁରାଣ ଶୁଣିବା କାନର ଗହଣା ଅଟେ । ଏ ସବୁ ଗହଣା ଯାହାର ଅଛି; ଅର୍ଥାତ୍ ଏସବୁ ଗୁଣ ଯାହାଠାରେ ଅଛି, ତା'ର ସୁନା ରୁପାର ଗହଣା କ ଦରକାର ?

ଘରର ଦାସୀଟା ମୁହଁରୁ ଏ ପ୍ରକାର କଥା ଶୁଣି ପଣ୍ଡିତେ ଛାଟକା ହୋଇଗଲେ । ସେ ଭାବିଲେ—ଯେଉଁ ଲୋକର ସବାରିବାହକ ଆଉ ଦାସୀ ଏପରି ବିଦ୍ୱାନ୍ ସେହି ଲୋକର ପାଣ୍ଡିତ୍ୟ କଳନା କିଏ ? ମୁଁ ତ ଏ ଦୁଇଜଣଙ୍କଠାରେ ପ୍ରଥମେ ପରାସ୍ତ ହେଲିଣି, ଆଉ କାଳିଦାସଙ୍କ ସହିତ କ ବିବାଦ କରିବି ? ଘରେ ନପଶୁଣୁ ମୁଣ୍ଡରେ ଶୂଳ ବାଜିଲାଣି, ଘରେ ପଶିଲେ ଆଉ ମୁଣ୍ଡ ରହିବନି ?

ଗୁଣନିଧି ପଣ୍ଡିତେ ଆଉ ଡେରି ନକରି ପେଡ଼ିପୁଟୁଳି ବାନ୍ଧି ନିଜ ରାଜ୍ୟକୁ ଚାଲିଗଲେ ।

କାଳିଦାସ ଏହିପରି ବୁଦ୍ଧି ବଳରେ ବଡ଼ ବଡ଼ ପଣ୍ଡିତଙ୍କୁ ବି କାବୁ କରିଦେଉଥିଲେ ।

—୦—

Digitized by srujanika@gmail.com

କହିଲେ ମଲା, ନକହିଲେ ମଲା

ଧାମନଗରଠାରୁ ଦି'କୋଶ ଦୂରରେ ଗୋଟିଏ ଜାଗାରେ ସପ୍ତାହରେ ଥରେ ହାଟ ବସେ । ହାଟ ପାଳରେ ଆଖପାଖ ଗାଁରୁ ବହୁ ଲୋକ ଆସି ଜିନିଷ କିଣାବିକା କରନ୍ତି । ଧାମନଗରଠାରୁ ସେହି ହାଟଯାଏ ଗୋଟିଏ ଭଲ ରାସ୍ତା ଥାଏ । ରାସ୍ତା ଦି'କଡ଼ରେ ବଡ଼ ବଡ଼ ଗଛ ଥାଏ । ବାଟୋଇମାନେ ଖରାବେଳେ ଗଛ ଛାଇରେ ବସି ଥକ୍କା ମାରନ୍ତି ।

ଧାମନଗରରୁ ସେହି ରାସ୍ତାରେ ଅଧକୋଶେ ବାଟ ଗଲାପରେ ଦୁଇଟି ବଡ଼ ବଡ଼ ବରଗଛ ପଡ଼େ । ରାସ୍ତାର ବାଁ କଡ଼େ ଗୋଟିଏ ଗଛ ଓ ଡାହାଣ କଡେ ଆଉ ଗୋଟିଏ ଗଛ ମୁହାଁମୁହିଁ ହୋଇ ଥାଏ । ଦେଖିଲେ ମନେହେବ ସତେ ଯେମିତି ଦୁଇଭାଇ ଠିଆହୋଇଛନ୍ତି । ସେହି ବରଗଛ ଦୁଇଟିରେ ଦୁଇଟି ବ୍ରହ୍ମରାକ୍ଷସ ରହୁଥାନ୍ତି । ସେମାନେ ଦହେଁ ଭାଇଭଳି ଚଳୁଥାନ୍ତି । ନିଜ ନିଜ ଭିତରେ କେବେହେଲେ କଳିକଜିଆ କରନ୍ତି ନାହିଁ ।

ସେ ବର୍ଷ ଶୀତଦିନେ ଭାରି ଜାଡ଼ ପଡ଼ୁଥାଏ । ଦିନେ ଗୋଟିଏ ବ୍ରହ୍ମରାକ୍ଷସ ତା'ର ସାଙ୍ଗକୁ କହିଲା—"ଭାଇ, ଏବର୍ଷ ତ ମାଘ ମାସରେ ଏତେ ଜାଡ଼ ପଡ଼ିଲାଣି, ଆଉ ଫଗୁଣ ମାସରେ କେତେ ଜାଡ଼ ନପଡ଼ିବ ?"

ଦ୍ଵିତୀୟ ବ୍ରହ୍ମରାକ୍ଷସ କହିଲା—"ତୁ ଓଲି ନା କ'ଣ ? କାରେ, ମାଘ ମାସରେ ତ ଜାଡ଼ ବେଶି ହେବା କଥା । ଫଗୁଣରେ ଏତେ ଜାଡ଼ କୁଆଡ଼ୁ ଆସିବ ?"

Digitized by srujanika@gmail.com

ପ୍ରଥମ ବ୍ରହ୍ମରାକ୍ଷସ—"ଓଲ ମୁଁ ନା ତୁ ? କଥାରେ ଅଛି ପରା—ମାଘ ମାସର ଜାଡ଼ ବାଘପର ମାଡ଼ିବସେ । ଫଗୁଣରେ ବେଶି ଶୀତ ହୁଏ ବୋଲି ତୋତେ କିଏ କହିଲା ?"

ଦ୍ୱିତୀୟ ବ୍ରହ୍ମରାକ୍ଷସ—"ଆରେ, ମୁଁ ନଜାଣି ତୋତେ ସିନା ଓଲ କହୁଥିଲି, ତୁଟା ଗୋଟାଏ ବଳଦ ! କରେ ଫଗୁଣମାସରେ ପରା ଦଅଙ୍କର ଅଗିପୂଜା ଯାତ ହୁଏ । ସେହି ବେଳରେ ନିଆଁ ଜାଳି ଠାକୁରଙ୍କ ମେଢ଼ ତା' ଚାରିପାଖରେ ବୁଲନ୍ତି । ଫଗୁଣ ମାସରେ ଯଦି ବେଶୀ ଶୀତ ହେଉ ନ ଥାନ୍ତା ଏ ପର୍ବ ହେଉଥାନ୍ତା କାହିଁକି ? ଖାଲି ସେତିକି ନୁହେଁ; ଲୋକେ ପରା କଥାରେ କହନ୍ତି—ଫଗୁଣ, ଶୀତ ହେବ ଦ୍ୱିଗୁଣ ।

ଏମିତି କଥା ବଢ଼ି ବଢ଼ି ଦୁହେଁ ଘୋଡ଼ମୋଡ଼ କଜିଆ ଆରମ୍ଭ କରିଦେଲେ । ଯେତେବେଳେ ସେମାନେ ଦେଖିଲେ ଯେ, ଏ କଜିଆ ଶେଷ ହେବାର ନୁହେଁ ସେମାନେ ଚୁପ୍‌ହୋଇ ରହିଲେ । ହେଲେ କଜିଆର ନିଷ୍ପତ୍ତି ତ ହେଲା ନାହିଁ । ତେଣୁ ଦୁହେଁ ଠିକ୍ କଲେ ସେ ବାଟରେ ଯାଉଥିବା ଲୋକଙ୍କୁ ଅଟକାଇ ପଚାରିବେ—'ମାଘ ନା ଫଗୁଣରେ ବେଶୀ ଜାଡ଼ ପଡ଼େ ?'

ସେଦିନଠାରୁ ଯେତେ ବାଟୋଇ ସେଇ ବାଟେ ଯାଆନ୍ତି, ପ୍ରତ୍ୟେକଙ୍କୁ ଅଟକାଇ ସେମାନେ ଏହି କଥା ପଚାରନ୍ତି—"ମାଘ ନା ଫଗୁଣରେ ବେଶୀ ଜାଡ଼ ପଡ଼େ ?" ବିଚରା ବାଟୋଇ ବଡ଼ ହଇରାଣରେ ପଡ଼େ । କହିଲେ ମଲା, ନକହିଲେ ମଲା । ଡରିମରି କେହି 'ମାଘ' ବୋଲି କହେ, କେହି ବା 'ଫଗୁଣ' ବୋଲି କହେ । ଯେଉଁ ବାଟୋଇ 'ମାଘ' ବୋଲି କହେ, ଦ୍ୱିତୀୟ ବ୍ରହ୍ମରାକ୍ଷସ ସେଇଠି ତା' ବେକକୁ ମୋଡ଼ିଦିଏ । 'ଫଗୁଣ' କହିଲେ ପ୍ରଥମ ବ୍ରହ୍ମରାକ୍ଷସ ପ୍ରାଣରେ ମାରିଦିଏ ।

ଏମିତି ଜଣ ଜଣ କରି ବହୁତ ବାଟୋଇଙ୍କୁ ଦୁଇ ବ୍ରହ୍ମରାକ୍ଷସ ମାରି ପକାଇଲେ । ଏଣିକି ଲୋକମାନେ ଡରିକରି ସେବାଟେ ଆଉ ଗଲେନାହିଁ । ତେଣୁ ରାସ୍ତାଟି ଶୂନ୍‌ଶାନ୍ ହୋଇଗଲା, ଆଉ ରାସ୍ତା ଉପରେ ଅନାବନା ଘାସ ଉଠିଗଲା ।

Digitized by srujanika@gmail.com

ଦିନେ କାଳିଦାସ ସେହିଆଡ଼େ ବୁଲି ବାହାରିଲେ । ସେ ହାଟ ରାସ୍ତାଟି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଭାବିଲେ—ଏତେ ସୁନ୍ଦର ରାସ୍ତାର ଏ ଅବସ୍ଥା ହେଲା କାହିଁକି ? ଏହାର ଉପରେ ହଜାର ହଜାର ଲୋକ ଯାତାୟାତ କରୁଥିଲେ, ଆଜିକାଲି ଏହା ଏତେ ବଣୁଚିଆ ହୋଇଯାଇଛି କାହିଁକି ?

ଏହିପରି ଭାବି ଭାବି ସେ ସେହି ରାସ୍ତାରେ ପାଦେ ପାଦେ ଆଗେଇ ବଢ଼ୁଥାନ୍ତି । କିଛିଦୂର ଗଲା ପରେ ହଠାତ୍ ଦୁଇ ବ୍ରହ୍ମରାକ୍ଷସ ତାଙ୍କ ଆଗରେ ଠିଆହୋଇ ପଚାରିଲେ—"କହ, ମାଘ ମାସରେ ନା ଫଗୁଣ ମାସରେ ବେଶୀ ଜାଡ଼ ପଡ଼େ ?"

କାଳିଦାସ ବୁଝିପାରିଲେ ଯେ, ଏଇଥିପାଇଁ ଲୋକେ ଡରିକରି ଏ ବାଟେ ଯାଉନାହାନ୍ତି । ସେ ସଙ୍ଗେ ସଙ୍ଗେ କହିଲେ—

ମାଘ ଫାଲଗୁନୟୋର୍ମଧ୍ୟେ ଯଦା ବହନ୍ତି ମାରୁତ
ତଦା ଶୀତଂ ବିଜାନୀୟାନ୍ନ ମାଘେ ନ ଚ ଫାଲ୍‌ଗୁନେ ।

ଭାବାନୁବାଦ—

ମାଘ ଫଗୁଣର ମଝିରେ ବହଇ
ହେମାଳ ପବନ ଯେବେ
ପଡ଼େ ବଡ଼ ଜାଡ଼ · ଏକା ମାଘେ ଅବା
ଫଗୁଣେ କି ଶୀତ କେବେ ?

ଭାବାର୍ଥ—ମାଘ ଓ ଫଗୁଣ ମାସ ମଝିରେ ଯେତେବେଳେ ହେମାଳ ପବନ ବହେ, ସେତେବେଳେ ବେଶୀ ଜାଡ଼ ପଡ଼େ । କେବଳ ମାଘ ବା ଫଗୁଣ ମାସରେ ଜାଡ଼ ବେଶୀ ହୁଏ ନାହିଁ ।

କାଳିଦାସଙ୍କର ଯୁକ୍ତି ଶୁଣି ଦୁଇ ବ୍ରହ୍ମରାକ୍ଷସ ତାଙ୍କ ଉପରେ ଭାରି ସନ୍ତୁଷ୍ଟ ହେଲେ । ସେମାନେ ତାଙ୍କୁ କହିଲେ—"ତୁମେ ଆମଠାରୁ କ'ଣ ମାଗୁଛ ମାଗ ।"

Digitized by srujanika@gmail.com

କାଳିଦାସ କହିଲେ—"ମୁଁ ତୁମ୍ଭମାନଙ୍କଠାରୁ ଆଉ କିଛି ମାଗୁନାହିଁ । କେବଳ ଏତିକି, ତୁମେ ଦିହେଁ ଏହି ସ୍ଥାନ ଛାଡ଼ି ଚାଲିଯାଅ ।"

[ବ୍ରହ୍ମରାକ୍ଷସଦ୍ୱୟ ବରଗଛ ଛାଡ଼ି ଚାଲିଗଲେ]

Digitized by srujanika@gmail.com

କାଳିଦାସ ଏହା କହିଲାକ୍ଷଣି ସୁ ସୁ ହୋଇ ଖୁବ ଜୋର୍‌ରେ ପବନ ବହିଲା । ସେହି ପବନରେ ଦୁଇ ବରଗଛର ଦୁଇଟି ବଡ଼ ଡାଳ ମଡ଼ ମଡ଼ ହୋଇ ଭାଙ୍ଗିପଡ଼ିଲା । ତା' ପରେ ପବନ ଥମିଗଲା ।

କାଳିଦାସ ଘରକୁ ଫେରିଆସିଲେ । ବ୍ରହ୍ମରାକ୍ଷସମାନେ ଚାଲିଯିବାରୁ ଲୋକମାନେ ପୁଣି ସେହି ରାସ୍ତାରେ ଯିବାଆସିବା କଲେ । କାଳିଦାସଙ୍କ ବୁଦ୍ଧି ଯୋଗୁଁ ଲୋକମାନେ ତାଙ୍କୁ ଧନ୍ୟ ଧନ୍ୟ କଲେ ।

—o—

Digitized by srujanika@gmail.com

ମୂର୍ଖ କିଏ ?

ସେଦିନ ରାଜସଭା ଶେଷହେଲା । ପଣ୍ଡିତମାନେ ନିଜ ନିଜ ଘରକୁ ଗଲେ । ରାଜା ଭୋଜ ସଭାକାମ ସାରି ସିଧା ରାଣୀ ଉଆସକୁ ଗଲେ । ସେତେବେଳେ ରାଣୀ ତାଙ୍କର ଜଣେ ସଖୀ ସହିତ କ'ଣ କଥାଭାଷା କରୁଥାନ୍ତି । ଏହି ସମୟରେ ରାଜା ହଠାତ ଯାଇ ରାଣୀଙ୍କ ଆଗରେ ଠିଆ ହୋଇଗଲେ । ଏହା ଦେଖି ରାଣୀ ସଖୀ ସହିତ କଥାଭାଷା ବନ୍ଦକରି ହସି ହସି କହିଲେ—"ଆସ, ମୂର୍ଖ ।"

ଏକଥା ଶୁଣି ରାଜାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ରାଣୀ ତାଙ୍କୁ କେବେ ଏମିତି କହିନ୍ତି ନାହିଁ । ଆଜି 'ମୂର୍ଖ' ବୋଲି କହିଲେ କାହିଁକି ? ରାଜା ଯେତେ ଏ ବିଷୟରେ ଭାବିଲେ ବି କିଛି ବୁଝିପାରିଲେ ନାହିଁ । ସେ ରାଣୀଙ୍କ ସହିତ ବହୁତ ସମୟ ଧରି କଥାଭାଷା କଲେ, କିନ୍ତୁ ଏକଥା ତାଙ୍କୁ ପଚାରୁ ନଥାନ୍ତି । ରାଣୀ ବି ଏ ବିଷୟରେ ରାଜାଙ୍କୁ କିଛି କହିଲେ ନାହିଁ । ହେଲେ, ରାଜାଙ୍କ ମନରେ ଖାଲି ସେହି ପ୍ରଶ୍ନ ଉଠୁଥାଏ—ରାଣୀ ତାଙ୍କୁ ମୂର୍ଖ ବୋଲି କହିଲେ କାହିଁକି ?

ତା' ପରଦିନ ସଭାକୁ ଲୋକମାନେ ଆସିବା ଆଗରୁ ରାଜା ଯାଇ ତାଙ୍କ ଆସନରେ ବସିଥାନ୍ତି । ଜଣ ଜଣ କରି ପଣ୍ଡିତ ସଭାକୁ ଆସୁଥାନ୍ତି । ସଭାଘର ଭିତରେ ପାଦଥିଲାକ୍ଷଣି ରାଜା ତାଙ୍କୁ ହସି ହସି କହୁଥାନ୍ତି—'ଆସ, ମୂର୍ଖ ।' ପ୍ରତ୍ୟେକେ ବୋକା ପରି ଖାଲି ରାଜାଙ୍କ ମୁହଁକୁ ଚାହିଁରହନ୍ତି । ରାଜା କାହିଁକି ଏପରି କହୁଛନ୍ତି, କେହି ବୁଝିପାରୁ ନଥାନ୍ତି । କେହି ବି ରାଜାଙ୍କୁ ସାହସ କରି କିଛି କହୁ ନଥାନ୍ତି । ଏମିତି ଯେତେ ଯେତେ ପଣ୍ଡିତ ଆସିଲେ, ସମସ୍ତଙ୍କୁ ରାଜା ସେହିପରି 'ଆସ, ମୂର୍ଖ' ବୋଲି ଡାକଲେ ।

Digitized by srujanika@gmail.com

[ରାଣୀ ରଜାଙ୍କୁ 'ଆସ, ମୂର୍ଖ' କହୁଛନ୍ତି]

Digitized by srujanika@gmail.com

କିନ୍ତୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ନିଜ ନିଜ ଆସନରେ ଚୁପ୍ କରି ବସି-ଯାଉଥାନ୍ତି । କେତେବେଳକୁ କାଳିଦାସ ଆସିଲେ । ତାଙ୍କୁ ଦେଖି ରାଜା ପୂର୍ବପରି କହିଲେ—"ଆସ, ମୂର୍ଖ !"

କାଳିଦାସ ରାଜାଙ୍କର ଏପରି କଥା ଶୁଣି ପ୍ରଥମେ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । ସଭାର ସବୁ ପଣ୍ଡିତ କାଳିଦାସ କ'ଣ କହିବେ ବୋଲି ତାଙ୍କ ମୁହଁକୁ ଜିଜ୍ଞାସାପରି ଅନାଇ ରହିଥାନ୍ତି । ଏତିକିବେଳେ କାଳିଦାସ କହିଲେ—

"ଖାଦନ୍ନ ଗଚ୍ଛାମି ହସନ୍ନ ଜଲ୍ପେ
ଗତଂ ନ ଶୋଚାମି କୃତଂ ନ ମନ୍ୟେ
ଦ୍ୱାଭ୍ୟାଂ ତୃତୀୟୋ ନ ଭବାମି ରାଜନ୍
କିଂ କାରଣଂ ଭୋଜ ଭବାମି ମୂର୍ଖଃ ?"

ଭାବାନୁବାଦ—

ଖାଇ ଖାଇ ମୁହିଁ ବାଟ ନ ଚାଲେ,
ବେଶୀ ହସି କେବେ କଥା ନ ବୋଲେ ।

ନ କରଇ ଶୋକ ଗଲା କଥାରେ,
ନ ଫୁଲଏ ପ୍ରୀତ କଲା କାମରେ ।

ଦୁହିଙ୍କ କଥାରେ ନ ହୁଏ ଠିଆ,
ତଥାପି ମୂରୁଖ ହେଲି ମୁଁ କିଆଁ ?

ଭାବାର୍ଥ—(୧) ଖାଇ ଖାଇ ବାଟ ଚାଲିବା, (୨) ବଡ଼ ପାଟିରେ ହସି ହସି କଥା କହିବା, (୩) ପଛକଥା ଭାବି ଦୁଃଖ କରିବା, (୪) ନିଜେ କରିଥିବା କାମପାଇଁ ଗର୍ବ କରିବା, (୫) ଦୁ'ଜଣ କଥାଭାଷା ହେଉଥିଲା-ବେଳେ ସେମାନଙ୍କ କଥାରେ ବାଧା ଦେବା—ଏହି କାମ ଯେ କରେ, ସେ ମୂର୍ଖ । ମୁଁ ତ ଏପରି କିଛି କାମ କରିନାହିଁ । ମୁଁ ମୂର୍ଖ ହେବି କାହିଁକି ?

Digitized by srujanika@gmail.com

କାଳିଦାସଙ୍କ କଥା ଶୁଣି ରାଜା ନିଜର ଭୁଲ ବୁଝିପାରିଲେ । ରାଣୀ ତାଙ୍କର ସଖୀ ସହିତ କଥାଭାଷା ହେଉଥିଲାବେଳେ ସେ ସେମାନଙ୍କ କଥାରେ ବାଧା ଦେଇଥିଲେ । ସେଥିପାଇଁ ରାଣୀ ତାଙ୍କୁ 'ମୂର୍ଖ' ବୋଲି କହିଥିଲେ । କାଳିଦାସ ତାଙ୍କର ମନକଥା ଜାଣିପାରିଥିବାରୁ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ସେ କାଳିଦାସଙ୍କୁ ଦଶହଜାର ଟଙ୍କା ପୁରସ୍କାର ଦେଲେ ।

—୦—

Digitized by srujanika@gmail.com

ଅଣ୍ଡା ନିଆଁ

ନିଆଁ ତ ନିଆଁ । ତାକୁ ଛୁଇଁଲେ ହାତ ପୋଡ଼ିଯିବ । ଏମିତି କି ତା' ପାଖକୁ ଗଲେ ଗରମ ସମ୍ଭାଳି ହେବନି । ସେ ପୁଣି ଅଣ୍ଡା କେମିତି ? କିନ୍ତୁ ନିଆଁ କେମିତି ଅଣ୍ଡା ଲାଗିଲା, ସେ ବିଷୟରେ ଏଠାରେ କୁହାଯିବ ।

ଆଗକାଳରେ ରଜାମାନେ ରାଜ୍ୟର ଲୋକମାନେ କିପରି ଚଳୁଛନ୍ତି ନିଜେ ବୁଲି ଦେଖି ଆସୁଥିଲେ । ସେମାନେ ଦିନରେ ଯାଆନ୍ତି ନାହିଁ, ରାତି ହେଲେ ଛଦ୍ମବେଶରେ ବୁଲି ବାହାରନ୍ତି । ସହର ବଜାର, ଗଳିକନ୍ଦିରେ ବୁଲି ପ୍ରଜାମାନଙ୍କର ଅଭାବ ଅସୁବିଧା ସେମାନେ ଆଖିରେ ଦେଖି ଆସନ୍ତି ।

ଥରେ ରାତିରେ ରାଜା ଭୋଜ ଛଦ୍ମବେଶରେ ଧାରାନଗରୀରେ ବୁଲୁଥାନ୍ତି । ସେତେବେଳେ ଅଧରାତି । ରାସ୍ତା ଶୁନ୍‌ଶାନ୍ ଥାଏ । ରାଜା ଗୋଟିଏ ଗଳି ରାସ୍ତାରେ ଯାଉଯାଉ ଦେଖିଲେ ଯେ, ଗୋଟିଏ ଘରର ଦୁଆର ଖୋଲା ଅଛି । ସେ ଘର ଭିତରେ କିଏ ଅଛି ଏବଂ ଏତେ ରାତିରେ ଦୁଆର କାହିଁକି ଖୋଲାଅଛି ଜାଣିବା ପାଇଁ ରାଜା ଉଙ୍କିମାରି ଘର ଭିତରକୁ ଚାହିଁଲେ ।

ରାଜା ସେଠାରେ ଯାହା ଦେଖିଲେ, ସେଥିରେ ତାଙ୍କ ଲୋମ ଟାଙ୍କୁରି ଉଠିଲା । ଘରର ଗୋଟିଏ ପାଖରେ ସ୍ତ୍ରୀ ଲୋକଟିଏ ବସିଛି । ସେହି ସ୍ତ୍ରୀର କୋଳରେ ମୁଣ୍ଡରଖି ଜଣେ ପୁରୁଷ ନିଦରେ ଶୋଇଛି । ଘରର ଆଉ ଏକ ପାଖରେ ଗୋଟିଏ କୁଣ୍ଡରେ ନିଆଁ ଜଳୁଛି । ସେହି ନିଆଁରେ ଦୁଇ ବର୍ଷର ପୁଅଟିଏ ପଡ଼ିଛି । ନିଆଁରେ ପଡ଼ି ପିଲାଟି ଖିଲ୍ ଖିଲ୍ ହୋଇ

Digitized by srujanika@gmail.com

ହସୁଛି । ଏଣେ ସ୍ତ୍ରୀ ଲୋକଟି ପିଲାଟି ନିଆଁରେ ପଡ଼ିଥିବା ଦେଖି ମଧ୍ୟ ତାହାକୁ ସେଥିରୁ ଉଠାଇ ଆଣୁ ନାହିଁ । ସେ ଛୁଆଟି ଆଡ଼େ ଚାହିଁ ମୁରୁକି ହସୁଛି ।

[ରାଜା ଆଶ୍ଚର୍ଯ୍ୟ ଘଟଣା ଦେଖୁଛନ୍ତି]

ରାଜା ସେହି ଦୁଆର ପାଖରେ ଛଣ୍ଡାଏମାଏ ଠିଆହୋଇ ରହିଲେ । କିନ୍ତୁ ସ୍ତ୍ରୀ ଲୋକଟି ସେହିପରି ନିଶ୍ଚିନ୍ତ ହୋଇ ବସିଥାଏ,

Digitized by srujanika@gmail.com

ଆଉ ପିଲଟି ସେହିପରି ନଆଁରେ ଖେଳୁଥାଏ । ରାତି ବେଶି ହୋଇଯିବାରୁ ରାଜା ତାଙ୍କର ନଅରକୁ ଚାଲିଆସିଲେ । ହେଲେ ଏହି କଥା ଭାବି ତାଙ୍କୁ ରାତିରେ ଜମା ନିଦ ହେଲାନି ।

ତା’ ପରଦିନ ରାଜସଭା ବସିଲା । ସଭାରେ ଚଉଦଶହ ପଣ୍ଡିତ ନିଜ ନିଜ ଆସନରେ ବସିଥାନ୍ତି । ଏତିକବେଳେ ରାଜା ପଣ୍ଡିତମାନଙ୍କୁ କହିଲେ—“ମୁଁ ଗୋଟିଏ ଶ୍ଳୋକର ଚତୁର୍ଥ ପାଦ କହୁଛି । ତାହାର ପ୍ରଥମ ତିନିପାଦ ପୂରଣ କର —

ହୁତାଶନଶ୍ଚନ୍ଦନ ପଙ୍କ ଶୀତଳଃ

ଭାବାନୁବାଦ—ଅନଳ ଚନ୍ଦନ ପରି ଶୀତଳ ।

ଭାବାର୍ଥ—ନିଆଁ ଚନ୍ଦନ ପରି ଥଣ୍ଡା ।

ରାଜାଙ୍କର ପ୍ରଶ୍ନ ଶୁଣି ପଣ୍ଡିତମାନଙ୍କର ବୁଦ୍ଧି ବଣା ହୋଇଗଲା । ସେମାନେ ପରସ୍ପର ମୁହଁକୁ ଖାଲି ବୋକାଭଳି ଚାହିଁରହିଲେ । କେହି କେହି ନିଜ ନିଜ ଭିତରେ ଫୁସୁରୁଫାସର ହେଲେ । ଉତ୍ତର ଦେବାପାଇଁ କେହି ଠିଆ ନହେବାରୁ କାଳିଦାସ ଠିଆହୋଇ କହିଲେ—

“ସୁତଂପତନ୍ତଂ ପ୍ରସମୀକ୍ଷ ପାବକେ
ନ ବୋଧୟା ମାସ ପତିଂ ପତିବ୍ରତା
ପତିବ୍ରତା ଶାପ ଭୟେନ ପୀଡ଼ିତୋ
ହୁତାଶନଶ୍ଚନ୍ଦନ ପଙ୍କ ଶୀତଳଃ ।”

ଭାବାନୁବାଦ—

ପୁଅ ପଡ଼ିଅଛୁ ନିଆଁରେ ଯାଇ,
ହସି ପତିସେବା ସତୀ କରଇ,
ସତୀ ଶାପ ଡରେ ହୋଇ ବିକଳ
ଅନଳ ଚନ୍ଦନ ପରି ଶୀତଳ ।

Digitized by srujanika@gmail.com

ଭାବାର୍ଥ—ପୁଅ ନିଆଁରେ ପଡ଼ିଛି । ଏହା ଦେଖି ସୁଦ୍ଧା ସତୀ ସ୍ତ୍ରୀ ତାକୁ ନିଆଁରୁ ଉଠାଉ ନାହିଁ । ସେ ହସି ହସି ପତିଙ୍କ ସେବାରେ ଲାଗିପଡ଼ିଛି । ପିଲାଟିକୁ ଯଦି ନିଆଁ ପୋଡ଼ିଦିଏ, ତେବେ ସତୀ ସ୍ତ୍ରୀଟି ରାଗିଯାଇ ଅଗ୍ନି ଦେବତାଙ୍କୁ ଶାପ ଦେଇଦେବ । ସେହି ଶାପ ଭୟରେ ନିଆଁ ଚନ୍ଦନ ପରି ଥଣ୍ଡା ହୋଇଯାଇଛି ।

କାଳିଦାସଙ୍କ ବିଚକ୍ଷଣ ବୁଦ୍ଧି ଦେଖି ସଭାର ପଣ୍ଡିତମାନେ ତାଙ୍କର ବହୁ ପ୍ରଶଂସା କଲେ ଏବଂ ରାଜା ତାଙ୍କୁ ଏକହଜାର ସୁନା ମୋହର ପୁରସ୍କାର ଦେଲେ ।

—0—

Digitized by srujanika@gmail.com

ମାଛ ପୋଥି ହେଲା

ଦିନକୁଦିନ ରାଜସଭାରେ କାଳିଦାସଙ୍କ ଖ୍ୟାତି ଯେତିକି ବଢ଼ିଲା, ଚନ୍ଦ୍ରଦେବ ପଣ୍ଡିତଙ୍କ ଖ୍ୟାତି ସେତିକି କମିବାକୁ ଲାଗିଲା । କାଳିଦାସ ରାଜାଙ୍କର ଭାରି ପ୍ରିୟ ହେଲେ । ରାଜା ଅଧିକାଂଶ ସମୟରେ କେବଳ କାଳିଦାସଙ୍କ ସହିତ କଥାଭାଷା କରନ୍ତି ଏବଂ ତାଙ୍କ ସହିତ ବୁଲିଯାଆନ୍ତି । ଏହା ଦେଖି କେତେଜଣ ପଣ୍ଡିତଙ୍କର ଦେହ ଆଉ ସହୁ ନଥାଏ । କାଳିଦାସଙ୍କ ଲାଗି ରାଜା ସେମାନଙ୍କୁ ପଚାରୁ ନାହାନ୍ତି, ଏହା ଭାବି ସେମାନେ କାଳିଦାସଙ୍କର ଦୋଷତ୍ରୁଟି ଖୋଜିବାରେ ଲାଗିପଡ଼ିଲେ ।

ବ୍ରାହ୍ମଣମାନେ ଆମିଷ ଖାଆନ୍ତି ନାହିଁ । କିନ୍ତୁ କାଳିଦାସ ମାଛ ମାଂସ ଖାଉଥିଲେ । ସେ ଆମିଷ ଖାଉଛନ୍ତି ବୋଲି କେହି ଜାଣିନଥାନ୍ତି । କାରଣ ସେ ଲୁଚେଇ ଛପେଇ ଘରେ ରାନ୍ଧି ଖାଆନ୍ତି । ହେଲେ ସତକଥା କେତେଦିନ ଲୁଚିରହିବ ? ଥରେ ଜଣେ କେହି କାଳିଦାସ ମାଛ ନେଇ ଘରକୁ ଯାଉଥିବାର ଦେଖିଲା । କାନକୁ କାନ ହୋଇ ସବୁ ପଣ୍ଡିତଙ୍କୁ ଏକଥା ଜଣାପଡ଼ିଗଲା ।

ଦିନେ କାଳିଦାସ ସଭାକୁ ଆସି ନଥାନ୍ତି । ସେଥିପାଇଁ କେତେଜଣ ଖଚୁଆ ପଣ୍ଡିତଙ୍କୁ ତାଙ୍କ ବିରୋଧରେ ଚୁଗୁଲି କରିବାକୁ ସୁଯୋଗ ଜୁଟିଗଲା । ସେମାନଙ୍କ ମଧ୍ୟରୁ ଚାରି ଛ'ଜଣ ମିଶି ରାଜାଙ୍କୁ କହିଲେ— "ମହାରାଜ, କାଳିଦାସ ବଡ଼ ପଣ୍ଡିତ ହେଲେ କ'ଣ ହେବ, ବ୍ରାହ୍ମଣ ହୋଇ ବି ମାଛ ଖାଉଛନ୍ତି ।"

ରାଜା ସେମାନଙ୍କ କଥାରେ ବିଶ୍ୱାସ ନକରି କହିଲେ— "ଧେତ୍, ତୁମେ ସବୁ ଡାହାମିଛ କହୁଛ । କାଳିଦାସଙ୍କ ପରି ନିଷ୍ଠାପର ବ୍ରାହ୍ମଣ

Digitized by srujanika@gmail.com

ଫେର୍ ଆମିଷ ଖାଇବେ ? ସାବଧାନ୍, ଆଉ ଏମିତ କଥା ମୁହଁରେ ଧରିବ ନାହିଁ ।"

ପଣ୍ଡିତମାନେ କହିଲେ—"ମହାରାଜ, ଆପଣ ଆମ୍ଭମାନଙ୍କ କଥାକୁ ବିଶ୍ୱାସ କରନ୍ତୁ । ଦିନେ ଆପଣଙ୍କୁ ଆଖିଆଗରେ ଦେଖାଇଦେବୁ — କାଳିଦାସ ନିଜ ହାତରେ ମାଛ ଧରି ଘରକୁ ଯାଉଛନ୍ତି ।"

ରାଜା କହିଲେ —"ହଉ, ଯଦି ମୋତେ ପ୍ରମାଣ ଦେଇପାରିବ, ତେବେ ମୁଁ ବିଶ୍ୱାସ କରିବି ।"

ଏମିତି କିଛିଦିନ ଗଲା । ପଣ୍ଡିତମାନେ ବରାବର କାଳିଦାସଙ୍କ ପିଛା ଲାଗିଥାନ୍ତି । ସେ କୁଆଡ଼େ ଯାଉଛନ୍ତି, କ'ଣ କରୁଛନ୍ତି ସବୁ ଠିକଣା ସେମାନେ ବୁଝୁଥାନ୍ତି । କାଳିଦାସ ଯେଉଁଆଡ଼େ ଯାଆନ୍ତି, ପଣ୍ଡିତଙ୍କ ଚରମାନେ ସେହିଆଡ଼େ ଯାଆନ୍ତି । ସେମାନେ ତାଙ୍କର ଖବର ଆଣି ପଣ୍ଡିତମାନଙ୍କୁ ଦିଅନ୍ତି ।

ଦିନେ କାଳିଦାସ ଗାଧୋଇସାରି ନଈକୂଳରେ ଗୋଟିଏ ମାଛ ଧରିଲେ । ସେ ଗାମୁଛାରେ ମାଛଟି ଗୁଡ଼ାଇ କାଖରେ ଜାକି ଘରଆଡ଼େ ଚାଲିଲେ । ଏତିକବେଳେ ଚର ଏହା ଦେଖି ପଣ୍ଡିତମାନଙ୍କୁ ଜଣାଇଲା । ପଣ୍ଡିତମାନେ ସାଙ୍ଗେ ସାଙ୍ଗେ ରାଜାଙ୍କ ପାଖକୁ ଯାଇ କହିଲେ— "ମହାରାଜ, କାଳିଦାସ ନଈରୁ ମାଛଟିଏ ଧରି ଏବେ ଘରକୁ ଆସୁଛନ୍ତି । ଆପଣ ଲୋକ ପଠାଇ ତାଙ୍କୁ ସିଧା ଏଠାକୁ ଡକାଇ ଆଣନ୍ତୁ । ତାହାହେଲେ ଆପଣ ବୁଝିପାରିବେ ଆମ୍ଭମାନଙ୍କ କଥା ସତ କି ମିଛ ।"

ରାଜା ଭାବିଲେ, ସତରେ ଯଦି କାଳିଦାସ ମାଛ ନେଇ ଯାଉଥାନ୍ତି, ତାହାହେଲେ ଭାରି ଖରାପ କଥା ହେବ । ସେ ପଣ୍ଡିତମାନଙ୍କୁ ଧମକାଇ କହିଲେ—"କିନ୍ତୁ ମନେରଖ, ଯଦି କାଳିଦାସ ମାଛ ନେଇ ଯାଉନଥାନ୍ତି, ତେବେ ମିଛ କହିଥିବା ଯୋଗୁଁ ତୁମ୍ଭମାନଙ୍କୁ ମୋର ରାଜ୍ୟରୁ ବାହାର କରିଦେବି ।"

Digitized by srujanika@gmail.com

ପଣ୍ଡିତମାନେ ତ ଠିକ୍ ଖବର ରଖିଛନ୍ତି । ତେଣୁ ସେମାନେ ରାଜାଙ୍କ କଥାରେ ଡରଯିବେ ବା କାହିଁକି ? ସେମାନେ କହିଲେ—"ହଁ ମହାରାଜ, ଆମ କଥା ମିଛ ହେଲେ ଆମେ ଏ ରାଜ୍ୟରୁ ତଡ଼ା ଖାଇବୁ । ଯଦି କାଳିଦାସ ମାଛ ନେଇ ଯାଉଥାନ୍ତି ସେ ଏ ରାଜ୍ୟରୁ ତଡ଼ା ଖାଆନ୍ତୁ । ଆପଣଙ୍କଠାରେ ଆମର ଏତିକି ପ୍ରାର୍ଥନା ।"

ରାଜା ସେମାନଙ୍କ କଥାରେ ରାଜିହୋଇ କଟୁଆଳକୁ କାଳିଦାସଙ୍କ ପାଖକୁ ପଠାଇଲେ । କଟୁଆଳ କାଳିଦାସଙ୍କୁ ବାଟରେ ଦେଖି ସେମିତି ଓଦା ଲୁଗାରେ ତାଙ୍କୁ ରାଜାଙ୍କ ପାଖରେ ପହଞ୍ଚାଇ ଦେଲା ।

କାଳିଦାସଙ୍କୁ ଦେଖି ରାଜା ପଚାରିଲେ—"କାଳିଦାସ, କାଖରେ ସେଟା କି ଜିନିଷ ଜାକି ଧରିଛ କି ?"

କାଳିଦାସ—"ଆଜ୍ଞା, ଏ ମୋର ପୁସ୍ତକ ।"

ରାଜା—"ବେଶ୍, ପୁସ୍ତକଟାଏ ତ ଧରିଛ, ସେଥିରୁ ଥପ୍ ଥପ୍ ହୋଇ ପାଣି ଗଡ଼ୁଛି କାହିଁକି ?"

କାଳିଦାସ—"ମହାରାଜ, ଏହା ଏକ କାବ୍ୟ ପୁସ୍ତକ । କାବ୍ୟରେ ରସ ଥାଏ । ସେହି ରସ ହିଁ ଆପଣଙ୍କୁ ଜଳପରି ଦେଖାଯାଉଛି ।"

ରାଜା—"ହେଲା, ଏବେ ସେଥିରୁ କ'ଣ ଏମିତି ଗନ୍ଧ ବାହାରୁଛି ?"

କାଳିଦାସ—'ହଜୁର, ରାମ-ରାବଣ ଯୁଦ୍ଧରେ ଯେଉଁମାନେ ମରିଥିଲେ, ସେମାନଙ୍କ ଗନ୍ଧ ଏଥିରେ ଅଛି ।"

ରାଜା—"ଆଚ୍ଛା, ତୁମ ପୁସ୍ତକର କ'ଣ ଜୀବନ ଥିଲାପରି ଜଣାଯାଉଛି ।"

କାଳିଦାସ—"ମହାରାଜ, ଏଥିରେ ମୋର ଗୌଡ଼ମନ୍ତ୍ର ଲେଖା ହୋଇଥିବାରୁ ଏହା ଜୀବିତ ।"

Digitized by srujanika@gmail.com

ରାଜା—"ଠିକ୍ କହୁଛ, ତାହା ହେଲେ ଏହାର ଲଞ୍ଜ ଅଛି କାହିଁକି ?"

[ରାଜା କାଳିଦାସଙ୍କର କାବ୍ୟପୁସ୍ତକ ଦେଖୁଛନ୍ତି]

କାଳିଦାସ—"ଏହି ପୁସ୍ତକ ତାଳପତ୍ରରେ ତିଆରି ହୋଇଥିବାରୁ ଏହାର ଲଞ୍ଜ ଅଛି ।"

Digitized by srujanika@gmail.com

ସେତେବେଳକୁ ରାଜା ଜାଣିପାରିଲେଣି ଯେ, କାଳିଦାସ ମାଛଟିଏ ଧରି ତାଙ୍କୁ ଫାଙ୍କି ଦେବାକୁ ଚେଷ୍ଟା କରୁଛନ୍ତି । ତେଣୁ ସେ ହସି ହସି କହିଲେ– "ହଇରେ ଗୁଣବନ୍ତ ମାଛରଙ୍କା ପଣ୍ଡିତ ! ଏହା କହି ସେ ଗାମୁଛା ଖୋଲି ଦେଖନ୍ତି, ସତକୁ ସତ ତାହା ଗୋଟିଏ ତାଳପତ୍ର ପୋଥି । ରାଜାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପଣ୍ଡିତମାନଙ୍କର ଆଖି ତାଳୁରେ ଖୋସି ହୋଇଗଲା ।"

ଏହାପରେ ରାଜା ପଣ୍ଡିତମାନଙ୍କୁ ରାଜ୍ୟରୁ ତଡ଼ିଦେବା ପାଇଁ ଆଦେଶ ଦେଲେ । କିନ୍ତୁ କାଳିଦାସ ରାଜାଙ୍କୁ ବୁଝାଇ କହିଲେ— "ମହାରାଜ, ରାଜ୍ୟରେ ଭଲ ଲୋକ ରହିବେ, ମନ୍ଦ ଲୋକ ବି ରହିବେ, ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ରାଜାଙ୍କର କର୍ତ୍ତବ୍ୟ । ଦେଖନ୍ତୁ, ବରଗଛ କାହାରିକୁ ଆଶ୍ରୟ ଦେବାକୁ କେବେ ମନାକରେ କି ? ସେହି ଗଛରେ ନିରୀହ ପକ୍ଷୀମାନେ ରହୁଛନ୍ତି, ଦୁଷ୍ଟ ସାପମାନେ ବି ରହୁଛନ୍ତି । ଦୁଷ୍ଟ ବୋଲି ବରଗଛ ସାପମାନଙ୍କୁ ତଡ଼ିଦିଏ କି ? ତେଣୁ ଆପଣ ଦୟାକରି ଏହି ପଣ୍ଡିତମାନଙ୍କୁ ରାଜ୍ୟରୁ ତଡ଼ିଦିଅନ୍ତୁ ନାହିଁ ।"

କାଳିଦାସଙ୍କ କଥାରେ ରାଜା ଭାରି ସନ୍ତୁଷ୍ଟ ହୋଇ କହିଲେ— "କାଳିଦାସ, ତୁମେ କେବଳ କବିମାନଙ୍କ ଭିତରେ ଶ୍ରେଷ୍ଠ ନୁହଁ, ତୁମପରି ଦୟାଳୁ, ପରୋପକାରୀ ଏହି ସଂସାରରେ କମ୍ ଥିବେ । କାରଣ ଯେଉଁମାନେ ତୁମର ଅନିଷ୍ଟ କରୁଥିଲେ, ତୁମେ ସେମାନଙ୍କର ଉପକାର କରୁଅଛ । ତୁମପରି ଲୋକ ପାଇ ମୁଁ ଆଜି ଧନ୍ୟ ।"

ପଣ୍ଡିତମାନେ ବି କାଳିଦାସଙ୍କଠାରୁ ଉପକାର ପାଇ ତାଙ୍କର ଗୁଣ ଗାଇବାକୁ ଲାଗିଲେ ।

—o—

Digitized by srujanika@gmail.com

ଅସଲି ଓ ନକଲି

ରାଜା ଭୋଜ ଭାରି ବିଦ୍ୱାନ୍ ଥିଲେ । ସେ ପ୍ରତିଦିନ ପଣ୍ଡିତମାନଙ୍କୁ କିଛି ନା କିଛି ନୂଆ କଥା ପଚାରନ୍ତି । ଦିନେ ତାଙ୍କର ମୁଣ୍ଡକୁ ଏକ ଫିକର ଜୁଟିଗଲା । ସେ ପଣ୍ଡିତମାନଙ୍କର ବୁଦ୍ଧି ପରୀକ୍ଷା କରିବା ପାଇଁ ଏକ କୌଶଳ କଲେ । ସେ ଜଣେ ଭଲ କାରିଗରକୁ ଡାକି କହିଲେ— "ତୁମେ ଗୋଟିଏ ନକଲି ଫୁଲହାର ତିଆରି କରିବ । କିନ୍ତୁ ଏପରି କୌଶଳରେ ତାହା କରିବ ଯେପରି ତାହା ପ୍ରକୃତ ଫୁଲହାର ପରି ଜଣାଯାଉଥିବ । ତୁମର କାମ ପସନ୍ଦ ହେଲେ ତୁମକୁ ଶହେ ଟଙ୍କା ଦିଆଯିବ ।"

କାରିଗର ତା'ର ସମସ୍ତ ବୁଦ୍ଧି ଓ କୌଶଳ ଖଟାଇ ଫୁଲହାରଟିଏ ତିଆରି କଲା । ତା' ପରଦିନ ସେ ନକଲି ଫୁଲହାରଟି ନେଇ ରାଜାଙ୍କ ପାଖକୁ ଗଲା । ରାଜା ତାହା ଦେଖି ଭାରି ଖୁସି ହେଲେ ଏବଂ କାରିଗରକୁ ଶହେ ଟଙ୍କା ପୁରସ୍କାର ଦେଲେ । ତା'ପରେ ସେ ବଗିଚାର ମାଳୀକୁ ଡକାଇ ଆଣିଲେ । ମାଳୀ ଆସିଲାରୁ ସେ ତାକୁ କହିଲେ—"ଏଇ ଦେଖ, ଏ ହେଲା ଏକ ନକଲି ଫୁଲହାର । ଠିକ୍ ଏହି ହାର ପରି ଫୁଲରେ ଗୋଟିଏ ହାର ତିଆରି କରି ମୋତେ କାଲି ସକାଳୁ ଦେବ ।" ଏହା କହି ସେ ମାଳୀକୁ ନକଲି ଫୁଲହାରଟି ଦେଇଦେଲେ ।

ତା' ପରଦିନ ରାଜା ମାଳୀକୁ ସଭାକୁ ଡକାଇଲେ । ମାଳୀ ଗୋଟିଏ ହାତରେ ଅସଲି ଫୁଲହାର ଓ ଅନ୍ୟ ହାତରେ ନକଲି ଫୁଲହାର ଧରି ରାଜାଙ୍କ ପାଖରେ ଠିଆହେଲା । ରାଜା ପଣ୍ଡିତମାନଙ୍କୁ କହିଲେ— "ଦେଖ, ଏ ଦୁଇଟି ଫୁଲହାର ଭିତରୁ ଗୋଟିଏ ଅସଲି ଓ ଆଉ ଗୋଟିଏ ନକଲି । ଏହାକୁ ନଛୁଇଁ ଦୂରରେ ଥାଇ କହିବାକୁ ହେବ, କେଉଁଟି ଅସଲି

Digitized by srujanika@gmail.com

ଓ କେଉଁଟି ନକଲି । ଯେ ଠିକ୍ ରୂପେ କହିପାରିବ, ତାହାକୁ ଏକ ହଜାର ଟଙ୍କା ପୁରସ୍କାର ଦିଆଯିବ ।"

ପୁରସ୍କାର ଲୋଭରେ ପଣ୍ଡିତମାନେ ଫୁଲହାର ଦୁଇଟି ଆଡ଼େ ନିରେଖି କରି ଚାହିଁବାକୁ ଲାଗିଲେ । କିଏ ଆଖି ମଳି ମଳି ଚାହିଁଲା, କିଏ ବା ଦୁଇ ହାତର ଆଙ୍ଗୁଠିକୁ ଛନ୍ଦି ଆଙ୍ଗୁଠି ଫାଙ୍କବାଟେ ଚାହିଁଲା । ହେଲେ କିଛି ଧରିପାରିଲା ନାହିଁ । ଦୁଇଟି ଫୁଲହାର ଅବିକଳ ସମାନ ଦେଖା-ଯାଉଥାଏ । ଅସଲି ବା ନକଲି ଜାଣିବାର ଆଉ କି ଉପାୟ ବା ଥିଲା ? ତାକୁ ଛୁଇଁଲେ ବା ତା' ପାଖରେ ଠିଆ ହେଲେ ସିନା କହିପାରନ୍ତେ ? ରାଜାଙ୍କ ଆଗରେ କ'ଣ ହେଲେ ଗୋଟାଏ କହିଦେବା ବି ବୋକାମି ହେବ । ତେଣୁ ପଣ୍ଡିତମାନେ କିଛି ନକହି ଚୁପ୍ ରହିଲେ ।

କେହିହେଲେ ଆଗୁଆ ହୋଇ ନ ଆସିବା ଦେଖି ରାଜା କାଳିଦାସଙ୍କ ଆଡ଼େ ଚାହିଁ କହିଲେ—"କାଳିଦାସ, କ'ଣ ତୁମେ ବି କହିପାରିବ ନାହିଁ ?"

କାଳିଦାସ କହିଲେ—"ମହାରାଜ, ଘର ଭିତରେ ସେତେ ଆଲୁଅ ନାହିଁ । ତେଣୁ ମୋ ଆଖିକୁ ଦେଖାଯାଉ ନାହିଁ । ଆପଣ ଦୟାକରି ମାଳୀକୁ କହନ୍ତୁ, ସେ ଦୁଆର ବାହାରେ ଫୁଲହାର ଧରି ଠିଆହେଉ । ମୁଁ ଏଠି ବସି କହିପାରିବି, କେଉଁ ହାରଟି ଅସଲି ଓ କେଉଁଟି ନକଲି ।"

ରାଜାଙ୍କ ଆଦେଶରେ ମାଳୀ ଦୁଆର ବାହାରେ ଫୁଲହାର ଧରି ଠିଆହେଲା । କିଛିଏ ପରେ କାଳିଦାସ କହିଲେ —"ହଁ, ମହାରାଜ ଏଥର ଜଣାଗଲା ମାଳୀ ବାଁ ହାତରେ ଯେଉଁ ଫୁଲହାରଟି ଧରିଛି ତାହା ଅସଲି ଏବଂ ଡାହାଣ ହାତରେ ଯେଉଁ ଫୁଲହାର ଧରିଛି ତାହା ନକଲି ।"

ରାଜା ଭାବିଲେ କାଳିଦାସ ଅନ୍ଧ ବାଉଁବୁଲିଲା ପରି ଅନୁମାନରେ କହିଦେଇଛନ୍ତି । ଯୋଗକୁ କେମିତି ଠିକ୍ ହୋଇଗଲା ସିନା ! ତେଣୁ ସେ କାଳିଦାସଙ୍କୁ କହିଲେ—"ନା, ଥରେ କହିଦେଲେ ଚଳିବ ନାହିଁ । ଏହି ଫୁଲହାରକୁ ଦୁଇଥର ଏପଟ ସେପଟ କରିଦିଆଯିବ ।

Digitized by srujanika@gmail.com

ତୁମେ ଯଦି ଆଉ ଦୁଇଥର ଠିକ୍ କହିଦେବ, ତେବେ ଜଣାଯିବ ତୁମେ ଅସଲ ନକଲ ଠିକ୍ ଚିହ୍ନି ପାରୁଛ ।"

[ରଜା ପଣ୍ଡିତମାନଙ୍କୁ ପରୀକ୍ଷା କଲେ]

Digitized by srujanika@gmail.com

ହାର ଦୁଇଟିକୁ ଏପାଖ ସେପାଖ ଓଲଟପାଲଟ କରିଦେବା ପାଇଁ ରାଜା ମାଳୀକୁ କହିଲେ । ମାଳୀ ଦୁଇଥର ସେମିତି ଓଲଟପାଲଟ କରି ଦେଖାଇଲା । କିନ୍ତୁ କାଳିଦାସ ଦୁଇଥର ଅସଲ ଓ ନକଲି ହାର କେଉଁଟି ଠିକ୍ ରୂପେ କହିଦେଲେ ।

ଏହା ଦେଖି ରାଜାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସେ କାଳିଦାସଙ୍କୁ ପଚାରିଲେ—"କବିଜୀମାନ କହ, ତୁମେ ଅସଲ ନକଲ ଚିହ୍ନିଲ କିମିତି ?"

କାଳିଦାସ କହିଲେ—"ମହାରାଜ, ଏହା କହିବା ଅତି ସହଜ । ଦେଖନ୍ତୁ ପ୍ରକୃତ ଫୁଲର ବାସନା ଅଛି, ତେଣୁ ତା' ଉପରେ ମହୁମାଛିମାନେ ଆସି ବସୁଛନ୍ତି । କିନ୍ତୁ ନକଲି ଫୁଲ ପାଖକୁ ସେମାନେ ଜମା ଯାଉ-ନାହାନ୍ତି । ଆପଣ ହାର ଦୁଇଟିକୁ ଯେତେ ଓଲଟପାଲଟ କଲେ ବି ମହୁମାଛିମାନେ ସେହି ଅସଲ ଫୁଲହାର ଉପରେ ବସୁଛନ୍ତି । ଏହା ଦେଖି ମୁଁ ଜାଣିପାରିଲି କେଉଁଟି ଅସଲ ଓ କେଉଁଟି ନକଲି । ଘରଭିତରେ ହାର ଦୁଇଟି ଥିବାଯାଏ ମହୁମାଛିମାନେ ଆସୁ ନଥିଲେ । ତେଣୁ ଘର ବାହାରକୁ ଯିବାପାଇଁ ମୁଁ ମାଳୀକୁ କହିଥିଲି ।"

ଏହି ସାଧାରଣ କଥାଟି କହିପାରି ନଥିବାରୁ ପଣ୍ଡିତମାନେ ଲାଜରେ ମୁହଁ ତଳକୁ କରିଦେଲେ । ରାଜା କାଳିଦାସଙ୍କ ବୁଦ୍ଧିକୁ ଭରି ପ୍ରଶଂସା କଲେ । ସେ ତାଙ୍କୁ ହଜାରେ ଟଙ୍କା ପୁରସ୍କାର ଦେଲେ । କାଳିଦାସ ହଜାରେ ଟଙ୍କା ପୁରସ୍କାର ନେଇ ଦୁଃଖୀ ଦରିଦ୍ରଙ୍କୁ ଦାନ କରିଦେଲେ ।

—୦—

Digitized by srujanika@gmail.com